# ମାଧପୁରରେ ବଧୂ ହତ୍ୟା ଅଭିଯୋଗ



**କୟାଁଗୋଲା,୮।୨(ସମିସ):** ମଙ୍ଗଳପୁର ଥାନା କୟାଁ ପଞ୍ଚାୟତର ମାଧପୁର ଗ୍ରାମରେ ବଧୂ ହତ୍ୟା ଅଭିଯୋଗ ଆସିଛି। ମହିଳାଙ୍କ ବାପ ଘର ଲୋକେ ଏଭଳି ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଶୁଶୁଆ ପଞ୍ଚାୟତ ସଦାବ୍ରତ ଗ୍ରାମର ଦଶରଥ ଜେନାଙ୍କ ୨୨ ବର୍ଷୀୟ ଝିଅ ରୋଜି ଜେନା ଗତ ୪ ବର୍ଷ ତଳେ ମାଧପୁର ଗ୍ରାମ ଗୁରୁଆ ଜେନାଙ୍କ ପୁଅ ବିକାଶ ଜେନାଙ୍କୁ ପ୍ରେମ ବିବାହ କରିଥିଲେ। କିଛି ଦିନ ପରେ ଉଭୟ ପରିବାର ମଧ୍ୟରେ ଏହି ସମ୍ପର୍କକୁ ସ୍ୱୀକୃତି ମଧ୍ୟ ମିଳିଥିଲା। ବିବାହର ୬ ମାସ ପରେ ରୋଜି ଜେନାଙ୍କୁ ଶାଶୂଘର ଲୋକେ ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ। ଯାନୀ ଯୌତୁକ ଆଦି ଦାବି ପୂର୍ବକ ରୋଜିଙ୍କ ସ୍ୱାମୀ ଓ ଶାଶୂ ବିଭିନ୍ନ ସମୟରେ ମାଡ଼ ମାରି ଆସୁଥିଲେ ବୋଲି କହିଛନ୍ତି ରୋଜିଙ୍କ ମା'। ଏପରି ସ୍ଥଳେ ଗୁରୁବାର ରୋଜି ବିଷ ଖାଇଦେଇଛି ବୋଲି ଶାଶୂଘର ଲୋକେ ଖବର ଦେଇଥିଲେ ବାପ ଘରକୁ। ବାପ ଘର ଲୋକ ପହଞ୍ଚିବା ବେଳକୁ ଝିଅର ଅବସ୍ଥା ସଙ୍କଟାପନ୍ନ ହୋଇଯାଇଥିଲା। ମଙ୍ଗଳପୁରରୁ ଯାଜପୁର ଏବଂ ଯାଜପୁରରୁ କଟକ ବଡ଼ ମେଡିକାଲକୁ ଚିକିତ୍ସା ନିମନ୍ତେ ପଠାଯାଇଥିଲା। ତେବେ ଗତକାଲି ସନ୍ଧ୍ୟାରେ ରୋଜି ମେଡ଼ିକାଲରେ ମୃତ୍ୟୁବରଣ କରିବା ପରେ ବାପଘର ପକ୍ଷରୁ ଶାଶୂ ଘର ଲୋକଙ୍କ ବିରୋଧରେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ମଙ୍ଗଳପୁର ଥାନା ଅଧିକାରୀ ଜଗଦୀଶ କର (କେସ୍ ନମ୍ବର ୪୩/୨୬) ଏକ ମାମଲା ରୁଜୁ କରିଛନ୍ତି। ମଙ୍ଗଳପୁର ଥାନାର ଏସ୍ଆଇ ଅନିତା ପ୍ରଧାନ ରୋଜିଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଥିବା ବେଳେ ଆଜି ସନ୍ଧ୍ୟାରେ ଶବ ବ୍ୟବଚ୍ଛେଦ ହୋଇ ନିଜ ଗାଁକୁ ଫେରିଛି। ଏପଟେ ରୋଜିଙ୍କର ଅଢ଼େଇ ବର୍ଷର ପୁଅଟିଏ ଥିବା ବେଳେ ଝିଅର ବାପା ଘର ଲୋକଙ୍କ ସମେତ ଗ୍ରାମବାସୀ ନ୍ୟାୟ ସହ ଶିଶୁଟିକୁ ନିଜ ପାଖକୁ ନେବାକୁ ଦାବି କରିଛନ୍ତି।

# ପ୍ରାଣୀ ବିଜ୍ଞାନ ବିଭାଗର ଆଲୋଚନାଚକ୍ର



**କବାଟବନ୍ଧ,୮।୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁରସ୍ଥ ମୁକୁନ୍ଦ ପାତ୍ର ଡିଗ୍ରୀ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଭାଗ ମୁଖ୍ୟ ଡ. ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା କବିତା ବିଶ୍ୱାଳ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାସାୟନିକ ବିଜ୍ଞାନ ବିଭାଗ ମୁଖ୍ୟ ସୁଦାମ ଚରଣ ଧଳ, ମୁଖ୍ୟବକ୍ତା ଭାବେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଜ୍ୟୋତି ରଞ୍ଜନ ଦାସ, ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ସତ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ଯୁକ୍ତ ୩ର ତୃତୀୟ ବର୍ଷର ଛାତ୍ର ଓମ୍ ପ୍ରକାଶ ମଲ୍ଲିକ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ପ୍ରଥମ ବର୍ଷର ଛାତ୍ର ପ୍ରିୟାଂଶୁ ସାହୁ ଦ୍ୱିତୀୟ ସ୍ଥାନ ଏବଂ ଶେଷ ବର୍ଷର ଛାତ୍ରୀ ରୋନାଲିନ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉକ୍ତ ପ୍ରତିଯୋଗିତାକୁ ଯୁକ୍ତ ୩ ପ୍ରାଣୀ ବିଜ୍ଞାନ ବିଭାଗର ସୁଶ୍ରୀ ସଂଗୀତା ରାଉତ, ମଧୁସ୍ମିତା ବେହେରା, ତୁଳସୀ ସାହୁ, ସ୍ମୃତିରେଖା ରାଉତ, ପୂଜାରାଣୀ ବାରିକ, ବର୍ଷାରାଣୀ ବେହେରା, ପ୍ରିୟାଂଶୁ ପୃଷ୍ଟି, ଅନୁସ୍ୱୟା ରାଉତ, ଯସ୍ମୀନ ବିଶ୍ୱାଳ, ଶ୍ରାବଣୀ ପଣ୍ଡା, ଚିନ୍ମୟୀ ବାରିକଙ୍କ ସମେତ ଅନ୍ୟ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପରିଚାଳନା ଦାୟିତ୍ୱରେ ଥିବା ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ୍ ଜଣାଇଥିଲେ।

# କେନାଲ ବନ୍ଧ ବୁଡ଼ି କୃତ୍ରିମ ବନ୍ୟା ପରିସ୍ଥିତି



**ଯାଜପୁର,୮।୨(ସମିସ):** ରାତି ପାଇ ସକାଳ ହେଲା ବେଳକୁ ରାସ୍ତା ଉପରେ ଚାଲୁଛି ୪ ଫୁଟ ଉଚ୍ଚର ପାଣି। ଅଦିନରେ ପାଣି କେଉଁଠୁ ଆସିଲା ଲୋକଙ୍କ ମଧ୍ୟରେ ଭାଳେଣି ପସିଗଲା। ଖୋଜାଖୋଜି କରିବାରୁ ରାତି ଅଧରେ ଯାଜପୁର ମୁଖ୍ୟ କେନାଲରେ ପାଣି ଛାଡ଼ି ଦିଆଯାଇଛି। କିନ୍ତୁ ତଳ ମୁଣ୍ଡ କବାଟ ଗୁଡିକ ବନ୍ଦ ରହିଥିବାରୁ କେନାଲ ବନ୍ଧ ବୁଡ଼ି ପାଣି ରାସ୍ତାରେ ପ୍ରବାହିତ ହେଉଛି। ଯାଜପୁର ପାଣିକୋଇଲି ମୁଖ୍ୟରାସ୍ତାର ଆଙ୍କୁଲା ଛକ ନିକଟରେ କୃତ୍ରିମ ବନ୍ୟା ପରିସ୍ଥିତି ହୋଇଥିଲା। ରୁଢ଼ିଆ ଯାଜପୁର ଟାଉନ ମେନ୍ କେନାଲରେ ପାଣି ଓଭରଫ୍ଲୋ ହୋଇ ଦେଖାଦେଇଛି ଏଭଳି ସମସ୍ୟା। ଜଳ ସମ୍ପଦ ବିଭାଗର ଖାମଖିଆଲି ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପ୍ରାୟ ଭୋର ୩ଟାରୁ ଯାଜପୁର -ପାଣିକୋଇଲି ମୁଖ୍ୟ ରାସ୍ତାରେ ପାଣି ଚାଲିବା ଆରମ୍ଭ ହୋଇଥିଲା। ଫଳରେ ଆଙ୍କୁଲା ଗ୍ରାମବାସୀଙ୍କ ବିଭିନ୍ନ ଲୋକଙ୍କ ଦୋକାନ ଘର ଠାରୁ ଆରମ୍ଭ କରି ବାସଗୃହ ପୋଖରୀ ଆଦିରେ ପାଣି ପଶିଯାଇଛି। ପ୍ରଶାସନିକ ଅବହେଳା ପାଇଁ ଏଭଳି ପରିସ୍ଥିତି ବାରମ୍ବାର ଉପୁଜୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରି ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ଜାତୀୟ ରାଜପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ

# ଅନ୍ୟତ୍ର ଚାଲିଯିବାକୁ ଦଳିତ ବସ୍ତିକୁ ନୋଟିସ୍

**ଦଶରଥପୁର,୮।୨(ସମିସ):**



କୁଆଖିଆ ଠାରୁ ଧାମରାକୁ ସଂଯୋଗ କରୁଥିବା ୨୦ନଂ. ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ରାଜପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣରେ ଜମି ହରାଇଥିବା ପଟ୍ଟାଧାରୀ ଜମି ମାଲିକଙ୍କୁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଆର୍ଥିକ କ୍ଷତିପୂରଣ ପ୍ରଦାନ କରାଯାଇଥିବା ବେଳେ ଦଶରଥପୁର ବ୍ଲକ ଖଣ୍ଡରା ଛକ ଡାହାଣ ପାଶ୍ୱର୍ରେ ୭୫ବର୍ଷରୁ ଅଧିକ ସମୟ ଧରି ବସବାସ କରୁଥିବା ଦଳିତ ବସ୍ତିରେ ଭାଳେଣି ପଡ଼ିଛି। ବିଭାଗ ପକ୍ଷରୁ ୧ମାସ ମଧ୍ୟରେ ବାସସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ନୋଟିସ୍ ମାଧ୍ୟମରେ ଚେତାବନୀ ଦିଆଯାଇଛି। ଏହା ପରେ ଛୋଟ ଛୋଟ ପିଲା ଛୁଆଙ୍କ ସମେତ ୫୦ରୁ ଅଧିକ ସଂଖ୍ୟାରେ ୮ ପରିବାର ଲୋକେ କୁଆଡ଼େ ଯିବେ ସେ ନେଇ ଚିନ୍ତାରେ ପଡିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଦଳିତ ପରିବାର ଲୋକେ ଜନପ୍ରତିନିଧିଙ୍କ ଠାରୁ ଜିଲ୍ଲାପାଳ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଗୁହାରୀ ଜଣାଇଥିଲେ। କିନ୍ତୁ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି। ବଡ଼ ବଡ଼ ସହରରେ ବିସ୍ଥାପିତ ହେଉଥିବା ପରିବାରକୁ ସରକାର ଅନ୍ୟତ୍ର ଥଇଥାନର ବ୍ୟବସ୍ଥା କରୁଥିବା ବେଳେ ଏମାନଙ୍କ କ୍ଷେତ୍ରରେ ସରକାର ଏବଂ ପ୍ରଶାସନ ସମ୍ପୂର୍ଣ୍ଣ ନିଷ୍ଠୁର ହୋଇପଡିଥିବା ଅଭିଯୋଗ କରିଛନ୍ତି।

ଦଶରଥପୁର ବ୍ଲକ ଖଣ୍ଡରା ଛକ ଡାହାଣ ପାଶ୍ୱର୍ ମାର୍ଚ୍ଚଣ୍ଡପୁର ମୌଜା ଅନ୍ତର୍ଗତ ଖାତା ନଂ. ୯୮ ଓ ୫୫ ପ୍ଲଟ ନଂ. ୧୨୯, ୧୩୦ ଜମିର ମାଲିକାନା ଯଥାକ୍ରମେ ଖଣ୍ଡରା ପଞ୍ଚାୟତ ଅଷ୍ଟପ୍ରହାରାଜପୁର ଗ୍ରାମର ସଚ୍ଚିଦାନନ୍ଦ ମହାନ୍ତି, ଶାନ୍ତିଲତା ମହାନ୍ତି, ସ୍ୱର୍ଣ୍ଣଲତା ମହାନ୍ତି ଏବଂ ଧ୍ରୁବଚରଣ ମହାନ୍ତିଙ୍କ ନାମରେ ଥିବା ବେଳେ ୭୫ ବର୍ଷରୁ ଅଧିକ ସମୟ ଧରି ସମ୍ପୃକ୍ତ ଜମିରେ ମାର୍ଚ୍ଚଣ୍ଡପୁର ଗ୍ରାମର ଅଜୟ ଯେନା, ଯଦୁନାଥ ଯେନା, ଶମ୍ଭୁନାଥ ଯେନା, କୈଳାସ ଯେନା, ଗଜେନ୍ଦ୍ର ଯେନା, ପୂଜାରାଣୀ ଯେନା, ମଞ୍ଜୁ ଯେନା, ସାବିତ୍ରୀ ଯେନାଙ୍କ ସମେତ ୧୦ ପରିବାରର ଘରବାଡ଼ି ନଥିବା ୫୦ରୁ ଅଧିକ ସଂଖ୍ୟାରେ ପରିବାର ଲୋକ ବାସଗୃହ ନିର୍ମାଣ କରି ରହିଆସୁଥିଲେ। ଏବେ କୁଆଖିଆ ଠାରୁ ଧାମରାକୁ ସଂଯୋଗ କରୁଥିବା ୨୦ନଂ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ପାଇଁ ଜମି ବାଡ଼ି ନଥିବା ସମ୍ପୃକ୍ତ ଦଳିତ ପରିବାର ବସବାସ କରୁଥିବା ଜମିକୁ ରାଜପଥ ବିଭାଗ ପକ୍ଷରୁ ଅଧିଗ୍ରହଣ କରାଯାଇ ଜମିର ପଟ୍ଟାଧାରୀ ମାଲିକଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଥିବା ବେଳେ ବିଭାଗୀୟ ନୋଟିସ୍ ମାଧ୍ୟମରେ ଦଳିତ ପରିବାରଙ୍କୁ ୧ମାସ ମଧ୍ୟରେ ସ୍ଥାନ ଛାଡ଼ି ଚାଲିଯିବାକୁ ଚେତାବନୀ ଦିଆଯାଇଛି। ୭୫ ବର୍ଷ ପରେ ଘରଦ୍ୱାର ଛାଡ଼ି ଚାଲିଯିବାକୁ ସରକାରୀ ଚେତାବନୀ ମିଳିବା ପରେ ସମ୍ପୃକ୍ତ ଦଳିତ ବସ୍ତିରେ ଭାଳେଣି ପଡ଼ିଯାଇଛି। ସରକାର କିମ୍ବା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଥଇଥାନ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇନଥିବା ସ୍ଥଳେ ହଠାତ ଦଳିତ ବସ୍ତିର ଲୋକେ ପିଲା ଛୁଆ ଧରି କୁଆଡ଼େ ଯିବେ, କେଉଁଠି ରହିବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଥଇଥାନ ପାଇଁ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ନିକଟରେ ହାରିଗୁହାରୀ କରିଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁନଥିବାରୁ ଦଳିତ ବସ୍ତିର ଲୋକଙ୍କ ମୁଣ୍ଡରେ ଚଡ଼କ ପଡିଛି। ସେମାନଙ୍କ କ୍ଷେତ୍ରରେ ଜିଲ୍ଲାପାଳ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବସ୍ତିର ପରିବାର ଲୋକେ ଦାବି କରିଛନ୍ତି।

# ନୂଆପଦା ବିଦ୍ୟାଳୟର ବାର୍ଷିକୋତ୍ସବ



**ପାଣିକୋଇଲି,୮।୨(ସମିସ):** କୋରାଇ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ତଥା ପଥରପଦା ପଞ୍ଚାୟତର ନୂଆପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକୋତ୍ସବ ତଥା ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ପାଣିକୋଇଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଶାଖା ପରିଚାଳକ ମାନସ ରଞ୍ଜନ ବେହେରା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ମଲ୍ଲିକ, ପଥରପଦା ପଞ୍ଚାୟତର ସମିତି ସଭ୍ୟା ସରସ୍ୱତୀ ସ୍ୱାଇଁ, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ କେଶବ ଚନ୍ଦ୍ର ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ବଳରାମ ବେହେରା ଅତିଥି ପରିଚୟ ପ୍ରଦାନ କରିଥବା ବେଳେ ଶିକ୍ଷୟିତ୍ରୀ ସସ୍ମିତା ବେହେରା ବିବରଣୀ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ପରିଚାଳନାରେ ବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ରବି ନାରାୟଣ ପଣ୍ଡା,ରବି ନାରାୟଣ ଭୂୟାଁ, ପୁଷ୍ପକ କୁମାର ରାୟ, ଗୟାଧର ସ୍ୱାଇଁ, ମନୋରମା ଭୂୟା. ଦମୟନ୍ତୀ ସାହୁ, ବ୍ରହ୍ମାନନ୍ଦ ପଲ୍ଲାଇ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷକ ତାରିଣୀ ପ୍ରସାଦ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ରତ୍ନାକର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀବିରଜା ସେବା ସମିତିର ଗଣ ବ୍ରତୋପନୟନ

**ଯାଜପୁର,୮।୨(ସମିସ):** ଶ୍ରୀବିରଜା ସେବା ସମିତିର ଏକ ସ୍ୱତନ୍ତ୍ର ବୈଠକ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଗତ ବୈଠକର ବିବରଣୀ ପାଠ କରିଥିଲେ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ସଭାକୁ ଜଣାଇଥିଲେ ଯେ ଆର୍ଥିକ ଅନଗ୍ରସର ବ୍ରାହ୍ମଣ ପିଲାଙ୍କ ଗଣ ବ୍ରତୋପନୟନ ଆସନ୍ତା ଫେବୃଆରୀ ୨୨ ତାରିଖ ରବିବାର ଅନୁଷ୍ଠିତ ହେବ। ସଭ୍ୟ ବ୍ରହ୍ମାନନ୍ଦ ସ୍ୱାଇଁ ପିଲାମାନଙ୍କ ଠାରୁ ଆଧାର କାର୍ଡ ଆଣି ଦେବା ଲାଗି କୁହାଯାଇଥିଲା। ସଭାପତି ସମସ୍ତ ସଭ୍ୟଙ୍କୁ ବ୍ରତୋପନୟନ ଦିନ ସକାଳ ୯ଘଟିକାରେ ବିରଜା ମନ୍ଦିରରେ ପହଞ୍ଚି କାର୍ଯ୍ୟ ତୁଲାଇବାକୁ ଅନୁରୋଧ କରିଥିଲେ। ବିଭିନ୍ନ ସଭ୍ୟଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସଭ୍ୟ ବିରେନ୍ଦ୍ର କୁମାର ମହାନ୍ତି ଦେଇଥିବା ୧ ଲକ୍ଷ ଟଙ୍କା ଓ ସୁଶ୍ରୀ ସୁଚରିତ ରାଉତରାୟ ଦେଇଥିବା ୫୦ ହଜାର ଟଙ୍କାକୁ ଷ୍ଟେଟ୍ ବ୍ୟାଙ୍କରେ ସ୍ଥାୟୀ ଜମା କରାଯାଇଛି ବୋଲି ସମ୍ପାଦକ ଅବଗତ କରିଥିଲେ। ଉପସ୍ଥିତ ସମସ୍ତ ସଭ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭ୍ୟ ଡଃ ହରିଶ୍ଚନ୍ଦ୍ର ପଣ୍ଡା, ଅମୀୟକୁମାର ପତି, ବୃନ୍ଦାବନ ସ୍ୱାଇଁ, ବ୍ରହ୍ମାନନ୍ଦ ସ୍ୱାଇଁ, ବିଷ୍ଣୁ ଚରଣ ଲେଙ୍କା, ନୃସିଂହ ଚରଣ ମହାପାତ୍ର, ଗଦାଧର ରାଉତ, ହରିହର ବେହେରା, ରାମକୃଷ୍ଣ ବେହୁରିଆ, ଭରତ କୁମାର ସାହୁ, ଜଗତ୍ ନାୟକ, ଶ୍ରୀକୃଷ୍ଣ ଚନ୍ଦ୍ର ମିଶ୍ର, ବିରଜାପ୍ରସାଦ କର, ଲକ୍ଷ୍ମୀନାରାୟଣ ପତି, ସଂଜୟ କୁମାର ସାହୁ, ମଳୟ କୁମାର ପଣ୍ଡା ଯୋଗଦେଇଥିଲେ। ସମସ୍ତ ନୂତନ ସଭ୍ୟଙ୍କୁ ସ୍ୱାଗତ କରାଯାଇଥିଲା ଶେଷରେ ବରିଷ୍ଠ ସଭ୍ୟ ନୃସିଂହ ଚରଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବାଉତରା ବିଦ୍ୟାଳୟରେ ଗୁରୁପୂଜନ



**ମଙ୍ଗଳପୁର,୮।୨(ସମିସ):** ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତ ବାଉତରା ସରକାରୀ ଉଚ୍ଚ ବିଦ୍ୟାଳୟ ୨୦୧୧ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ବିମଳ କୁମାର ରାୟ, କୀର୍ତ୍ତନ ବିହାରୀ ମଲ୍ଲିକ, ନରେନ୍ଦ୍ର କୁମାର ଦାଶ, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ବିପିନ ବିହାରୀ ରାୟ, ରବୀନ୍ଦ୍ର କୁମାର ନାୟକ, ଦୀପିକା ମଲ୍ଲିକ, ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ସେଠୀ, ଅନିତା ମଲ୍ଲିକ ଏବଂ ଅବସରପ୍ରାପ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟର ସ୍ୱର୍ଗତ ଶିକ୍ଷକ ସୁଶାନ୍ତ କୁମାର ବିଶ୍ୱାଳ, ବାବାଜୀ ଚରଣ ମହାରଣା, ବିରଞ୍ଚି ନାରାୟଣ ସାହୁ, ୪ର୍ଥ ଶ୍ରେଣୀ କର୍ମଚାରୀ ଗଣନାଥ ଜେନା, ଅଜୟ ରାୟଙ୍କ ଉଦ୍ଦେଶ୍ୟରେ ସମସ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପୁରାତନ ଛାତ୍ରଛାତ୍ରୀ ମାନେ ଉତ୍ତରୀୟ ଦେଇ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ଛାତ୍ର ବିଶ୍ୱଜିତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉତ୍ତମ ବିଶ୍ୱାଳ ମଞ୍ଚ ପରିଚାଳନା ଓ ସୁମନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦ରୁ ସର୍ବଭାରତୀୟ ଫକୀର ଚରଣ ଜେନା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**କବାଟବନ୍ଧ,୮।୨(ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ରେଖିଦେଇପୁର ପଞ୍ଚାୟତର ରେଖିଦେଇପୁର ଖେଳପଡ଼ିଆରେ ସର୍ବ ଭାରତୀୟ ଫକୀର ଚରଣ ଜେନା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ଚଳିତ ବର୍ଷ ଏହା ୨ୟ ବାର୍ଷିକ ଟୁର୍ଣ୍ଣାମେଣ୍ଟ ହୋଇଥିବା ବେଳେ ଏନେଇ ଆୟୋଜକ ଫକୀର ଚରଣ ଜେନା ମେମୋରିଆଲ କ୍ଲବ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଯାଜପୁର ଜିଲ୍ଲାର ରେଖିଦେଇପୁର ଗ୍ରାଉଣ୍ଡରେ ହେବାକୁ ଥିବା ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଦେଶ ଏବଂ ରାଜ୍ୟର ବିଭିନ୍ନ ଜିଲ୍ଲାର କ୍ଲବ ମାନେ ମ୍ୟାଚ ଖେଳିବା ପାଇଁ ସାମିଲ ହେବେ। ଆସନ୍ତା ୧୦ ତାରିଖରେ ଏହାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ସୁହାନି ଇଲେଭେନ ପଶ୍ଚିମବଙ୍ଗ, ରୁଦ୍ର ଏକାଦଶ ରାଜସ୍ଥାନ, ଡିସିସି କେନ୍ଦ୍ରାପଡା, ସିଆର୍ଏନ୍ ଇଲେଭେନ ତାଳଚେର, ଷ୍ଟାର୍ ଇଲେଭେନ ପୁରୀ, ମଧୁବନ ଡିଫେନ୍ସ ଯାଜପୁର, ଏନ୍ଏସ୍କେ କାଏମା, ଜେ୍ଏମ୍ସିଟି ଯାଜପୁର ଆଦି ୮ଟିମକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହି ମ୍ୟାଚର ଚାମ୍ପିଅନ ଟିମ ପାଇଁ ୫୦ ହଜାର ଟଙ୍କା ଏବଂ ରନର୍ସ ଅପ ପାଇଁ ୩୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରାଯିବ। ଏହାର ଫାଇନାଲ ମ୍ୟାଚ ଆସନ୍ତା ୧୨ ତାରିଖରେ ତାରିଖରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଫକୀର ଚରଣ ଜେନା ମେମୋରିଆଲ କ୍ଲବ ପକ୍ଷରୁ ସୁଶାନ୍ତ କୁମାର ଜେନା, ଅଶୋକ ମଲ୍ଲ, ତ୍ରିଲୋଚନ ଜେନା, ଶିବୁନ ମଲ୍ଲ ପ୍ରମୁଖ ସୂଚନା ଦେଇଛନ୍ତି।

# ରାଜେନ୍ଦ୍ର ଉପସଭାପତି, ଅଥୟ ସମ୍ପାଦକ





**ପାଣିକୋଇଲି,୮।୨(ସମିସ):** ଯାଜପୁର ଜିଲ୍ଲା ବିଜେଡିର ନବକଳେବର ହୋଇଛି। ଏହି କ୍ରମରେ କୋରେଇର ୭ ଜଣଙ୍କୁ ଜିଲ୍ଲା କମିଟିରେ ସ୍ଥାନ ମିଳିଥିବା ବେଳେ ଅନ୍ଧାରୀ ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର ରାଉତଙ୍କୁ ଉପସଭାପତି ଓ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଥୟ କୁମାର ମହାନ୍ତିଙ୍କୁ ସମ୍ପାଦକ ପଦ ମିଳିଛି। ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସଙ୍କ ସୁପାରିସରେ ସଭାପତି ନବୀନ ପଟ୍ଟନାୟକ ଏହି ପଦବୀରେ ମୋହର ମାରିଛନ୍ତି।

# ବାଇକ୍‌ରୁ ଖସିପଡ଼ି ଯୁବକ ଆହତ

**ପାଣିକୋଇଲି,୮।୨(ସମିସ):** କୋରାଇ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଆଲିଆ ଛକ ନିକଟରେ ଏକ ବାଇକ୍‌ରୁ ଖସି ପଡ଼ି ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ପ୍ରକାଶଯେ ଦୁଇ ଜଣ ବାଇକ୍ ଆରୋହୀ ଯାଜପୁର ରୋଡ୍‌ରୁ ଭଦ୍ରକ ବାସୁଦେବପୁରକୁ ଯାଉଥିବା ବେଳେ କୌଣସି କାରଣରୁ ପଛରେ ବସିଥିବା ଉକ୍ତ ଆରୋହୀ ଜଣକୁ ବାଇକ୍‌ରୁ ଖସି ପଡ଼ି ଆହତ ହୋଇଥିଲେ। ଖବର ପାଇ ସ୍ଥାନୀୟ ଜନସାଧାରଣ ତାଙ୍କୁ ସ୍ଥାନୀୟ ଏକ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇ ପ୍ରାଥମିକ ଚିକିତ୍ସା କରାଇଥିଲେ।

# ମଣିପୁରରେ ଅଷ୍ଟପ୍ରହର ମହାଯଜ୍ଞ

**ପାଣିକୋଇଲି,୮।୨(ସମିସ):** ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ମଣିପୁର ଗ୍ରାମରେ ୫୨ତମ ଅଷ୍ଟପ୍ରହର ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନାମଯଜ୍ଞରେ ଓଟିନ୍ଦା ଗ୍ରାମର ଗୌରଭକ୍ତ ଅଧିବାସ କରିଥିବା ବେଳେ ବେରୁଦା, ରାଣିପଡ଼ା, ବାଙ୍କସାହି, ରାଜେନ୍ଦ୍ରପୁର, ସାମନ୍ତରାପୁର ଓ ଆଗରପଡ଼ା ସମେତ ଦଶରୁ ଊର୍ଦ୍ଧ୍ୱ ଦଳ ସଂକୀର୍ତ୍ତନରେ ଭାଗ ନେଇଥିଲେ। ଉକ୍ତ ନାମଯଜ୍ଞକୁ ଗ୍ରାମର ସମସ୍ତ ଜନସାଧାରଣ ଭକ୍ତିମୟ ପରିବେଶରେ ଉପଭୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଗ୍ରାମର ସମସ୍ତ ଜନସାଧାରଣ ପରିଚାଳନା କରିଥିଲେ।

# ଠିକଣା ଯାଗାରେ ଲାଗୁନି ଷ୍ଟ୍ରିଟ୍‌ଲାଇଟ

**ଧର୍ମଶାଳା,୮।୨(ସମିସ):**



ଧର୍ମଶାଳା ବ୍ଲକର ବିଭିନ୍ନ ଗାଁକୁ ଆଲୋକୀକରଣ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ସୋଲାର ଷ୍ଟ୍ରିଟଲାଇଟ ଲଗାଯିବାର ବ୍ୟବସ୍ଥା ରହିଛି। କିନ୍ତୁ ଠିକ୍ ଢଙ୍ଗରେ ଏହି ଷ୍ଟ୍ରିଟଲାଇଟ ଗୁଡ଼ିକ ଲଗା ଯାଉନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଲାଇଟ୍ ଲାଗୁଛି ଓ ଜଳୁଛି ଏହାର ଆଲୋକ ମାତ୍ର ଉକ୍ତ ଖୁଣ୍ଟର ପାଖରେ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ପଡୁଛି। ଏମିତି କି ରାସ୍ତା ପାଶ୍ୱର୍ରେ ଲାଇଟ୍ ଗୁଡ଼ିକ ଲାଗୁଥିଲେ ବି ରାସ୍ତା ଉପରକୁ ଲାଇଟ୍ ପଡୁନାହିଁ। ବ୍ଲକ୍‌ରୁ ମିଳିଥିବା ସୂଚନା ଅନୁସାରେ ଗୋଟିଏ ଷ୍ଟ୍ରିଟଲାଇଟ ଲଗାଯିବା ପାଇଁ ଆନୁମାନିକ ୪୯ହଜାର ଟଙ୍କାରୁ ଅଧିକ ଟଙ୍କା ବ୍ୟୟ ବରାଦ କରାଯାଉଛି। ପ୍ରତ୍ୟେକ ଗାଁ ଏବଂ ଛକମାନଙ୍କରେ ଏହି ଲାଇଟ ଗୁଡ଼ିକୁ ଲଗାଯାଉଛି। ଯାହା ଫଳରେ ସାଧାରଣ ଲୋକ ରାତ୍ର ସମୟରେ ଯାତାୟାତରେ କୌଣସି ଅସୁବିଧାର ସମ୍ମୁଖିନ ହେବେ ନାହିଁ। କିନ୍ତୁ ଠିକାଦାରଙ୍କ ଠକାମୀ ମନୋଭାବ ପାଇଁ ଏହି ଲାଇଟ୍ ଗୁଡ଼ିକୁ ଲଗାଇ ବିଲ୍ କରିବା ଆଶାରେ ଶୀଘ୍ର କାମ ଶେଷ କରିବା ପାଇଁ ତରବରିଆ ଭାବେ ଲାଇଟ୍ ଗୁଡ଼ିକ ଲଗା ଯାଉଥିବା ଅଭିଯୋଗ ହୋଇଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ବି ସଠିକ୍ ଭାବେ ଆଲୋକୀକରଣ ହେଉନଥିବା ଦେଖିବାକୁ ମିଳୁଛି ଏହା ଉପରେ ବ୍ଲକ୍ ପ୍ରଶାସନ ଏବଂ ସ୍ଥାନୀୟ ବିଧାୟକ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଟ୍ରକ୍ ସହିତ କାର ଧକ୍କା; ଅଳ୍ପକେ ବର୍ତ୍ତିଲେ ଚାଳକ

**ପାଣିକୋଇଲି,୮।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଡାଇଭର୍ସନ ନିକଟରେ ଏକ କାର୍‌କୁ ଅନ୍ୟ ଏକ ଟ୍ରକ୍ ଧକ୍କା ଦେବା ଫଳରେ କାର୍‌ଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପ୍ରକାଶଯେ ପାଣିକୋଇଲି ପଟୁ ଏକ କାର ଯାଜପୁର ରୋଡ଼ ଅଭିମୁଖେ ଯାଉଥିବା ବେଳେ ଅନ୍ୟ ଏକ ଟ୍ରକ ଉକ୍ତ କାରକୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଉକ୍ତ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାର ଡିଭାଇଡର ଉପରକୁ ଚଢିଯାଇଥିଲା। ଫଳରେ କାର୍‌ର ଚାଳକ ଏକ ନିଶ୍ଚିତ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଯାଇଥିଲେ।

# ବାଲିପଦା ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ଦଶରଥପୁର,୮।୨(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ବାଲିପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମଲ୍ଲିକଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ତଥା ବିରଜା ସେବା ସମିତିର ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୫୦ ମିଟର, ୧୦୦ ମିଟର, ସେକ୍ ରେସ୍, ମ୍ୟୁଜିକ୍ ଚେୟାର, ଫ୍ୟାନ୍ସି ଡ୍ରେସ୍‌ରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଶିକ୍ଷକ ବିରଞ୍ଚିନାରାୟଣ ମହାନ୍ତି, ଗ୍ରାମର ଯୁବ ଶିକ୍ଷାବିତ ଅଜୟ କୁମାର ସାହୁ, କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଶିଶୁ ବିହାର ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାସୁଦେବପୁର,୮।୨(ସମିସ): ବାସୁଦେବପୁର ଶିଶୁ ବିହାର ଶିକ୍ଷାନୁଷ୍ଠାନର ବିଂଶତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବାଇଚଢ଼େଇ ସମ୍ପାଦକ ବିକାଶ ଶତପଥୀ ସଂଯୋଜନା କରିଥିଲେ। ଶିଶୁ ବିହାର ପ୍ରଧାନଆଚାର୍ଯ୍ୟ ସନ୍ତୋଷ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ବରେଣ୍ୟ ଅତିଥି ଭାବେ ଅତିରିକ୍ତ ତହସିଲ୍‌ଦାର ଜୟନ୍ତ ରାଉତରାୟ, ପ୍ରାକ୍ତନ ଉପ ଆରକ୍ଷୀ ଅଧୀକ୍ଷକ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା, ଭୁବନେଶ୍ୱର ରାମକୃଷ୍ଣ ସେବାଶ୍ରମ ମଠର ଅଧ୍ୟକ୍ଷ ସ୍ୱାମୀ ଆଶ୍ରୟାନନ୍ଦ ସରସ୍ୱତୀ, ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ରାଜ୍ୟ ସଂଯୋଜକ ଗୌରାଙ୍ଗ କୁମାର ବିଶ୍ୱାଳ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବାସୁଦେବପୁର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଅବସରପ୍ରାପ୍ତ ଶିକ୍ଷକ ମକୁଳ ଦାସ, ସଫଳ କୃଷକ ଶଙ୍କର୍ଷଣ ମଲ୍ଲିକ ଓ ଦେଶ ବିଦେଶରେ ଓଡ଼ିଶୀକୁ ପ୍ରଚାରପ୍ରସାର କରୁଥିବା ନୃତ୍ୟଶିଳ୍ପୀ ସମୀର ପାଣିଗ୍ରାହୀଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମଣ୍ଡିରୁ ଉଠୁନି ଧାନ; ଚାଷୀ ଅସନ୍ତୋଷ



ଦୋଳସାହି,୮।୨(ସମିସ): ଭଦ୍ରକ ଜିଲ୍ଲାର ସର୍ବବୃହତ୍ ଧାନ ମଣ୍ଡି ପାଳିଆବିନ୍ଧା ସେବା ସମବାୟ ସମିତି ହୋଇଥିବା ବେଳେ ଏହି ମଣ୍ଡିରୁ ଧାନ ଉଠୁ ନ ଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସୂଚନା ମୁତାବକ, ଦୋଳସାହି ପଞ୍ଚାୟତରେ ଅବସ୍ଥିତ ପାଳିଆବିନ୍ଧା ସେବା ସମବାୟ ସମିତିରେ ଦୀର୍ଘ ୧୦ ଦିନରୁ ଅଧିକ ସମୟ ଧରି ମିଲର ଧାନ ଉଠାଉ ନ ଥିବା ନେଇ ଟୋକନ୍ ପାଇ ଧାନ ପ୍ରଦାନ କରିପାରୁ ନ ଥିବା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏହି ସେବା ସମବାୟ ସମିତିରେ ଧାନ ଗୋଦାମ ଗୃହ ନ ଥିବା ନେଇ ରାସ୍ତାକଡ଼ରେ ପାଲ ଢାଙ୍କି ଧାନ ଗଚ୍ଛିତ ରଖିବାରୁ ବୁଲା ଗୋରୁ ଓ ଷଣ୍ଢ ସଂଗ୍ରହ ଧାନକୁ ଖାଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ ଧାନ ସଂଗ୍ରହ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ



ଭଣ୍ଡାରିପୋଖରୀ,୮।୨(ସମିସ): ନିଜ ଇଚ୍ଛାରେ ଲେଖକ ସାହିତ୍ୟ ରଚନା କରିବା ଅପେକ୍ଷା ସମାଜକୁ ବ୍ୟତିବ୍ୟସ୍ତ କରୁଥିବା ଜଳବାୟୁ ସମସ୍ୟା, ଆତ୍ମହତ୍ୟା ପ୍ରବଣତା, ବିବାହ ଛାଡ଼ପତ୍ର ସମସ୍ୟା ଭଳି ସମସ୍ୟା ଆଧାରିତ ହୋଇପାରିଲେ ପାଠକୀୟ ଆଦୃତି ଲଭିବ ବୋଲି ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକମାନେ ମତପ୍ରକାଶ କରିଛନ୍ତି। ସଂସଦ ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଉଦ୍‌ଘାଟନ କରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଭାଷା ସମୃଦ୍ଧ ନ ହେଲେ ସଂସ୍କୃତି ସୁରକ୍ଷିତ ହେବ ନାହିଁ। ସଂସ୍କୃତି ସୁରକ୍ଷିତ ନ ହେଲେ ରାଜ୍ୟ ସମୃଦ୍ଧ ହେବ ନାହିଁ। ଭାଷା ଆଧାରରେ ରାଜ୍ୟ ଗଠନ ହେବାରେ ଓଡ଼ିଶା ଦେଶରେ ପ୍ରଥମ ଅଟେ। ମାତ୍ର ଓଡ଼ିଆ ଭାଷାରେ ଶାସନ କାର୍ଯ୍ୟ ଚଳାଇବା ପାଇଁ ସରକାରୀ ଅଧିକାରୀମାନଙ୍କୁ ଓଡ଼ିଆ ଭାଷା ପ୍ରଶିକ୍ଷଣ ପ୍ରଦାନ ଆବଶ୍ୟକତା ପଡୁଛି। ଏହା ଭାଗ୍ୟର ବିଡ଼ମ୍ବନା ବୋଲି ମତ ଦେଇ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରକାଶ ମହାପାତ୍ରଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ 'ସୁବାର୍ତ୍ତା' ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥି ମୁଖ୍ୟବକ୍ତା, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ବିଶିଷ୍ଟ ଅତିଥି, ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, କବି ବିଜୟ ମହାପାତ୍ର, ବ୍ରଜକିଶୋର ନାୟକ, ଅବନୀ ପ୍ରଧାନ, ସଞ୍ଜିତ୍ ବଳ, ଡ. ସୁଧାଂଶୁ ଶେଖର ନାୟକ ଓ ବଦ୍ରୀନାରାୟଣ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାହିତ୍ୟ ସଂସଦର ସ୍ରଷ୍ଟା ବିଶିଷ୍ଟ କବି ଅଚ୍ୟୁତାନନ୍ଦ ସାମଲ ସଂସଦର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଅଭିମତ ରଖିଥିଲେ। ଏହି ଅବସରରେ ପବନ ନାୟକଙ୍କ 'ଚିଡିରି ମିଡିରି ଭିଡିରି କଥା', ଝୁରଣବାଳା ଖୁଣ୍ଟିଆଙ୍କ 'କୁଞ୍ଜ କଳିକା', ମନୋରଞ୍ଜନ ନାୟକଙ୍କ 'ବଡ଼ ମଣିଷ ହେବା', କେଶବ ସେଠୀଙ୍କ 'ମନ ମର୍ମର' ଓ ରାଖାଲ୍ ସ୍ୱାଇଁଙ୍କ 'କୁମ୍ଭୀର ପିଠିରେ ପଦ୍ମ' ପୁସ୍ତକ ପାଠକାର୍ପଣ କରାଯାଇଥିଲା। ସାହିତ୍ୟ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୁଷୋତ୍ତମ ଧଳ ଓ ପ୍ରୀତିପଦ୍ମା ଦାସଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

**'ସାହିତ୍ୟ ଜନଜୀବନ ସମସ୍ୟା କୈନ୍ଦ୍ରୀକ ହେଲେ ରଚିକର ହେବ'**

### ତିହିଡ଼ି ବ୍ଲକ୍ ବରିଷ୍ଠ ନାଗରିକ ସଂଘର ୫ମ ବାର୍ଷିକ ସମାରୋହ

# 'ବରିଷ୍ଠଙ୍କୁ ସୁରକ୍ଷା ଦେବା ପ୍ରଶାସନର ପ୍ରଧାନ କର୍ତ୍ତବ୍ୟ'

ତିହିଡ଼ି,୮।୨(ସମିସ)



ବରିଷ୍ଠମାନେ ଏ ଦେଶର ଜାତୀୟ ସମ୍ପତ୍ତି, ସେମାନେ ଏକ ଆଦର୍ଶ ସମାଜ ଗଠନ କରିବେ। ଏହି ଆଶା ରଖି ପ୍ରଶାସନ ସେମାନଙ୍କୁ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦେଉଛି। ୧୯୭୮ ଭିଏନା ସମ୍ମିଳନୀଠାରୁ ଆରମ୍ଭ କରି ୧୯୮୩ ମସିହାରେ ବରିଷ୍ଠଙ୍କ ସାମାଜିକ ଉନ୍ନତି ଦରରେ ପ୍ରଶାସନ ସବୁ ପ୍ରକାର ପଦକ୍ଷେପ ନେଇଛି। ଏହି ପରିପ୍ରେକ୍ଷୀରେ ୨୦୧୯ ଡିସେମ୍ବର ୪ରେ ଆଇନ ବରିଷ୍ଠଙ୍କ ସପକ୍ଷରେ ଯାଇଛି। ସ୍ଥାନୀୟ ଚନ୍ଦ୍ରେଶଖର ରତ୍ନାକର ସହଯୋଗ ହାଇସ୍କୁଲ ପରିସରରେ ଆୟୋଜିତ ତିହିଡ଼ି ବରିଷ୍ଠ ନାଗରିକ ସଂଘର ୫ମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତବ୍ୟକ୍ତ କରିଛନ୍ତି। ତିହିଡ଼ି ବରିଷ୍ଠ ନାଗରିକ ସଂଘ ସଭାପତି ସୋମନାଥ ପାଢ଼ୀ ଏହି ସଭାରେ ପୌରୋହିତ୍ୟ କରିଥିଲେ। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟବକ୍ତା ଓ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଘର ଆଦର୍ଶ ଓ ବରିଷ୍ଠଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ।

ଉପସଭାପତି ମହେଶ ପ୍ରସାଦ ଦାସ, କାର୍ଯ୍ୟକାରୀ ସଭାପତି ଧନେଶ୍ୱର ବିଶ୍ୱାଳ, ଶିକ୍ଷାବିତ୍ ହରେକୃଷ୍ଣ ମହାକୁଡ଼, ଅନ୍ୟତମ ଭଦ୍ରକ ଜିଲ୍ଲାର ସାଧାରଣ ସମ୍ପାଦକ କୈଳାସଚନ୍ଦ୍ର ମହାପାତ୍ର, ବିଜୟ ସେନାପତି, ପଣ୍ଡିତ ଦୈତାରୀ ମହାପାତ୍ର, ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, କୋଅର୍ଡିନେଟର ସୁରେନ୍ଦ୍ର ନାୟକ ପ୍ରଭୃତି ଅତିଥିମାନେ ବରିଷ୍ଠମାନେ ହେଉଚନ୍ତି ଜାତୀୟ ସମ୍ପତ୍ତି ସପକ୍ଷରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସମାଜସେବୀ ଶଚ୍ଚିକାନ୍ତ ନାୟକ, ଶିକ୍ଷାବିତ୍ ଶୀତଳ ବେହେରା, ବିଶ୍ୱମୈତ୍ରୀ ନାୟକ ପ୍ରଦୀପ ପ୍ରଜ୍ଜ୍ୱଳନ ସହିତ ବେଦପାଠ ଓ କୁନିକୁନି ପିଲାଙ୍କ ସହ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସମାଜସେବୀ ରଘୁନାଥ ପାତ୍ର ଅତିଥି ପରିଚୟ ପ୍ରଦାନ, ସଂଘର ସମ୍ପାଦକ ବିଭୂତିଭୂଷଣ ସେନାପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଓ ସଂଘ ମୁଖପତ୍ର 'ବର୍ଷୀୟାନ' ଲୋକାର୍ପିତ ହୋଇଥିଲା। ସୁରେନ୍ଦ୍ର ନାୟକ, ପଣ୍ଡିତ ଦୈତାରୀ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମଲ୍ଲିକ, ବିଶିଷ୍ଟ ସମାଜସେବୀ କମଳାକାନ୍ତ ଲେଙ୍କାଙ୍କ ସମେତ ବିଭିନ୍ନ ଜୋନ୍‌ରୁ ୧୩ ଜଣଙ୍କୁ ସେବା ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ପକ୍ଷରୁ ସନ୍ନ୍ୟାସୀ ଚରଣ ବ୍ରହ୍ମ, କୃତ୍ତିବାସ ଜେନା, ଜଗନ୍ନାଥ ନାୟକ, ହରିଶ୍ଚନ୍ଦ୍ର ବାରିକ, ବିଷ୍ଣୁ ସାହୁ, ସୁରେନ୍ଦ୍ର ମାଝୀ, ଗୟାଧର ବଳ, ବଳରାମ ସେନାପତି, କୁଳମଣି ସାହୁ, ପି. ହୃଷୀକେଶ, ଅକ୍ଷୟ ବ୍ରହ୍ମ ପ୍ରମୁଖ ମଞ୍ଚ ପରଚାଳନା କରିଥିଲେ। ଶେଷରେ ଶିକ୍ଷାବିତ୍ ମଥୁରାମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷୟିତ୍ରୀଙ୍କ ସରକାରୀ କାଗଜପତ୍ରକୁ ଅବ୍ୟବହାର ପ୍ରସଙ୍ଗ

## ତଦନ୍ତ ନିମନ୍ତେ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବନ୍ତ/ଆଗରପଡ଼ା,୮।୨(ସମିସ): ବନ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ପୋଡ଼ାପାଟଣା ସରକାରୀ ୟୁଜିଏମ୍‌ଇ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ କୁଳପ୍ରଭା ସୂଅର ସରକାରୀ କାଗଜପତ୍ରକୁ ଅବ୍ୟବହାର କରିଥିବାରୁ ତାଙ୍କ ବିରୋଧରେ ସରକାରୀ ନିୟମ ଓସିଏସ୍(ସିସିଏ) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥିର ହୋଇଛି। ତାହାର ତଦନ୍ତ ନିମନ୍ତେ ଶ୍ରୀମତୀ ସୂଅରଙ୍କୁ ବ୍ଲକ୍ ଶିକ୍ଷାଧିକାରୀ, ବନ୍ତଙ୍କ କାର୍ଯ୍ୟାଳୟରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ପତ୍ରରେ ଶ୍ରୀମତୀ ସୂଅର ବିଦ୍ୟାଳୟ ଉପସ୍ଥାନ ରେଜିଷ୍ଟ୍ରାରରେ ନିଜ ଉପସ୍ଥାନକୁ ଟାମ୍ପରିଂ କରିଥିବାରୁ ତାଙ୍କ ବିରୋଧରେ ସରକାରୀ ନିୟମ ଓସିଏସ୍(ସିସିଏ) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଯାଇଛି। ତେଣୁ ନିୟମାନୁସାରେ ଉକ୍ତ ପତ୍ର ପାଇବାର ୩୦ ଦିନ ମଧ୍ୟରେ ତାଙ୍କ ପକ୍ଷ ରଖିବା ପାଇଁ ସୁଯୋଗ ଦେବା ସହ ତାଙ୍କ ଉପରେ ଲଗାଯାଇଥିବା ଦୋଷ ଠିକ୍ କି ନୁହେଁ ତା'ର ଉପଯୁକ୍ତ ପ୍ରମାଣ ଲିଖିତ ଆକାରରେ ପ୍ରଦାନ ନ କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେ ଦୋଷୀ ବୋଲି ସ୍ୱୀକାର କରାଯିବ ବୋଲି ମଧ୍ୟ ଉଲ୍ଲେଖ ଅଛି। ଉକ୍ତ ପତ୍ରରେ ଶ୍ରୀମତୀ ସୂଅରଙ୍କ ଗୋଚରାର୍ଥେ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗର ସମସ୍ତ ସାକ୍ଷ୍ୟ ପ୍ରମାଣ ପତ୍ର ମଧ୍ୟ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ଏଠାରେ ପ୍ରକାଶ ଥାଉକି, ଶ୍ରୀମତୀ ସୂଅର ବିଦ୍ୟାଳୟ ଉପସ୍ଥାନ ରେଜିଷ୍ଟ୍ରାରରେ ନିଜ ଉପସ୍ଥାନକୁ ଟାମ୍ପରିଂ କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଡିଇଓ ବନ୍ତ ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଇଓ ଶ୍ରୀମତୀ ସୂଅର କୌଣସି ମନ୍ଦ ଉଦ୍ଦେଶ୍ୟ ରଖି ଜାଣିଶୁଣି ଏହିପରି କରି ନ ଥିବା ତାଙ୍କ ତଦନ୍ତ ରିପୋର୍ଟରେ ଦର୍ଶାଇଥିଲେ। କିନ୍ତୁ ପୋଡ଼ାପାଟଣା ସରକାରୀ ୟୁଜିଏମ୍‌ଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦାନ କରିଥିବା ତଥ୍ୟାନୁସାରେ ୨୦୧୮ ଏପ୍ରିଲ ମାସରୁ ୨୦୨୧ ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ କର୍ମଚାରୀଙ୍କ ଉପସ୍ଥାନ ରେଜିଷ୍ଟ୍ରାରରେ ଟାମ୍ପରିଂ କରାଯାଇଛି। ଯାହାକି ମନ୍ଦ ଉଦ୍ଦେଶ୍ୟ ରଖି କରାଯାଇଛି। ଏହା ଅଜାଣତାରେ କରାଯାଇଛି ବୋଲି ବିବେଚନା କରାଯାଇପାରିବ ନାହିଁ। ଏହା ଏକ ଦଣ୍ଡନୀୟ ଅପରାଧ ତେଣୁ ଆଉ ସମୟ ନଷ୍ଟ ନ କରି ସରକାରୀ ନିୟମ ଓସିଏସ୍(ସିସିଏ) ଅନୁଯାୟୀ ତାଙ୍କ ବିରୋଧରେ ତୁରନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କାର୍ଯ୍ୟାନୁଷ୍ଠାନର ରିପୋର୍ଟ ଯଥାଶିଘ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଥିଲା।

## ଗୁରୁ ସୁବାସ ମଲ୍ଲିକ ସମ୍ବର୍ଦ୍ଧିତ



ଧାମନଗର,୮।୨(ସମିସ): ଅନନ୍ୟ ପ୍ରତିଭା ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକଙ୍କ କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମିତ ତାଙ୍କୁ ବାସୁଦେବପୁର ପ୍ରସନ୍ନ ବାସୁଦେବ ପାଲାମଣ୍ଡଳର ୧୦ମ ବାର୍ଷିକ ପାଲା ଓ ଲୋକକଳା ମହୋତ୍ସବ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ୭ ତାରିଖ ଅପରାହ୍ଣରେ ଅନୁଷ୍ଠାନର ସ୍ଥାୟୀ ସଭାପତି ବର୍ଷିୟାନ୍ ପାଲା ଗାୟକ ସନାତନ ପୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ମୁଖ୍ୟବକ୍ତା ରୂପେ ବିଶିଷ୍ଟ ସଂସ୍କୃତି ଗବେଷକ ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ପ୍ରସନ୍ନ ବାସୁଦେବଙ୍କର ଆଦ୍ୟସେବକ ଚୌଧୁରୀ ସତ୍ୟନାରାୟଣ ରାୟ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ପ୍ରସନ୍ନ ନାୟକ, ବରିଷ୍ଠ ଗାୟକ କପିଳ ନାଥ ଶର୍ମା, ଅମୂଲ୍ୟ ରତ୍ନ ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ମଲ୍ଲିକଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

### ଆନ୍ତଃରାଜ୍ୟ ଜଗବନ୍ଧୁ ମେମୋରିଆଲ ଫୁଟ୍‌ବଲ

## ଭୁବନେଶ୍ୱରକୁ ହରାଇ କେନ୍ଦ୍ରାପଡ଼ା ଚାମ୍ପିଅନ

ବାସୁଦେବପୁର,୮।୨(ସମିସ)




ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପଡ଼ିଆରେ ଟାଉନ କ୍ଲବ୍ ଦ୍ୱାରା ଆୟୋଜିତ ୩୮ତମ ଜଗବନ୍ଧୁ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଚଳିତ ଫାଇନାଲ୍‌ରେ କେନ୍ଦ୍ରାପଡ଼ା ଚାନ୍ଦ କ୍ଲବ୍ ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଖେଳରେ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ଲିଗ୍ ପର୍ଯ୍ୟାୟରୁ ଭଲ ଖେଳ ପ୍ରଦର୍ଶନ କରିବା ସହିତ ଅପରାଜେୟ ଦଳର ଭୂମିକା ନିର୍ବାହ କରି ଫାଇନାଲ୍ ଟ୍ରଫିକୁ ହାତେଇ ନେଇଛି। ଖେଳରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅଶୋକ ଦାସ ଯୋଗେଦଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଫୁଟ୍‌ବଲ ଖେଳକୁ ଉଜ୍ଜିବିତ କରି ରଖିଥିବା ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ପୌରାଧ୍ୟକ୍ଷା ନିବେଦିତା ବେହେରା, ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ସମାଜସେବୀ ପରମାନନ୍ଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମଧ୍ୟାନ୍ତରରେ ଖେଳାଳିମାନଙ୍କ ସହ ପରିଚୟ ପର୍ବରେ ସାମିଲ୍ ହୋଇଥେଠିଲ। ଖେଳ ଶେଷ ପରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଦାସଙ୍କ ସମେତ ଅଧ୍ୟକ୍ଷା ଶ୍ରୀମତୀ ବେହେରା ଚାମ୍ପିଅନ ଓ ରନର୍ସଅପ୍ ଦଳ ଦ୍ୱୟଙ୍କୁ ଟ୍ରଫି ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ଗଗନବିହାରୀ ମହାନ୍ତି, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ବାରିକ, ବରିଷ୍ଠ ସଦସ୍ୟ ବଂଶୀଧର ବେହେରା, ସାମଶୁଲ ହକ୍, ବରିଷ୍ଠ କର୍ମକର୍ତ୍ତା ସହ ସମ୍ପାଦକ ସୁବାସ ଚନ୍ଦ୍ର ମହାନ୍ତି, ଉପସଭାପତି ରମାକାନ୍ତ ବାରିକ, ନୀଳାଦ୍ରି ନାୟକ, ନିର୍ମଳ ନାଥ, ରମାକାନ୍ତ ପୁହାଣ, ଅମୀୟ ମହାନ୍ତି, ଅଜୟ ପଟ୍ଟନାୟକ, ଗୌତମ ଦେ, ଅଜୟ ପଳିତା, ତୁଳସୀ କଲ୍ୟାଣ ବେହେରା, ପ୍ରକାଶ ମହାନ୍ତି, ସଞ୍ଜୟ ନାୟକ, ଏନ୍ ମହାପ୍ରସାଦ, ପ୍ରତିକୀ ଦେ, ଜିତେନ୍ଦ୍ର ନୟକ ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ। ରେଫରୀ ଭାବେ ପ୍ରସନ୍ନ ନାୟକ ପରିଚାଳନା କରିଥିବାବେଳେ ୨ ଲାଇନ୍ସମ୍ୟାନ୍ ଭାବେ ମାନସ ବିଶ୍ୱାଳ, ସୁକାନ୍ତ ସିଂ ଓ ଲାଲୁ ଖାଁ ଚତୁର୍ଥ ରେଫରୀ ଭାବେ ସହଯୋଗ କରିଥିଲେ। ଫାଇନାଲ୍ ଖେଳକୁ ଭାଷ୍ୟକାର ଭାବେ ସତ୍ୟସୁନ୍ଦର ରାଉତ ଓ ପୁରସ୍କାର ବିତରଣ ଉତ୍ସବରେ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ପରିଚାଳନା କରିଥିଲେ।

## ଟ୍ରାନ୍ସଫର୍ମରରୁ ତାର ଚୋରି ଉଦ୍ୟମ

ବନ୍ତ/ଆଗରପଡ଼ା,୮।୨(ସମିସ): ବନ୍ତ ବ୍ଲକ୍ ବଡ଼ମହିଁଷଗୋଠ ପଞ୍ଚାୟତ ଅଫିସ ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ତାର ଚୋରି ଉଦ୍ୟମ କରି ଏହାକୁ କାଟି ଦେଇଥିବାରୁ ସମଗ୍ର ଗାଁ ଅନ୍ଧାର



ହୋଇପଡ଼ିଛି। ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଟ୍ରାନ୍ସଫର୍ମର ଭିତରେ ଥିବା ତମ୍ବା ତାରକୁ ଚୋରି କରିବାକୁ ଉଦ୍ୟମ କରିଥିଲା। ଟ୍ରାନ୍ସଫର୍ମର ଭିତରେ ତମ୍ବା ତାର ପରିବର୍ତ୍ତେ ସିଲ୍‌ଭର ତାର ଥିବାରୁ ଏହାକୁ ନ ନେଇ ଫିଙ୍ଗି ଦେଇ ଚାଲିଯାଇଥିଲେ। ଏହି ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସଂଯୋଗ ହୋଇଥିବା ଉପଭୋକ୍ତାମାନେ ଅନ୍ଧାରରେ ରହିଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଭଦ୍ରକ ମାଧ୍ୟମିକ ଶିକ୍ଷକ ସଂଘର ବନ୍ଧୁ ମିଳନ ଓ ସ୍ୱାଗତ ସମ୍ବର୍ଦ୍ଧନା



ଭଦ୍ରକ,୮।୨(ସମିସ): ସହର ଉପକଣ୍ଠସ୍ଥ ନଳାଙ୍ଗଠାରେ ଭଦ୍ରକ ମାଧ୍ୟମିକ ଶିକ୍ଷକ ସଂଘର ବାର୍ଷିକ ବନ୍ଧୁ ମିଳନ ଓ ନବନିଯୁକ୍ତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ ସଭାପତି ନବକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କର୍ମଚାରୀ ନେତା ପ୍ରଭାତ ମହାନ୍ତି ତଥା ସମ୍ମାନିତ ଅତିଥି ଭାବେ ରାଜ୍ୟସ୍ତରୀୟ ଶିକ୍ଷକ ନେତୃତ୍ୱ ରାଜେନ୍ଦ୍ର ମଲ୍ଲିକ, ଶୁଭ୍ରଜିତ୍ ପ୍ରତିହାରୀ, ରଶ୍ମିରଞ୍ଜନ ଜେନା, ପ୍ରଶାନ୍ତ ରାଉତରାଏ, ମନୋଜ ଜେନା ପ୍ରମୁଖ ଯୋଗଦେଇ ସଂଘର ଏତାଦୃଶ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହ ଏକତ୍ରିତ ହୋଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ନିଜର ମତ ପ୍ରକାଶ କରିଥିଲେ। ସଂଘର ସମ୍ପାଦକ ଚନ୍ଦନ କୁମାର ରାଉତ ଜିଲ୍ଲା ତଥା ରାଜ୍ୟସ୍ତରରେ ସଂଘକୁ ସୁଦୃଢ଼ କରିବା ପାଇଁ ଉପସ୍ଥିତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ମଧୁସୂଦନ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ରାଜ୍ୟ ସଂଯୋଜକ ଦେବାଶିଷ ଜେନା ଅତିଥି ପରିଚୟ ଓ କୋଷାଧ୍ୟକ୍ଷ ରାଜକିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରରେ ୪୦୦ରୁ ଉର୍ଦ୍ଧ୍ୱ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ। ସଂଘର ଉପଦେଷ୍ଟା ମାନସ ମିଶ୍ର ଓ ସୌମ୍ୟରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

### ନଟରାଜ ସାଂସ୍କୃତିକ ଅନୁଷ୍ଠାନର ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

# ନିଃସଙ୍ଗତାର କାହାଣୀ କହିଲା 'କୁହୁଡ଼ି'

ଭଦ୍ରକ,୮।୨(ସମିସ)



ଅଗ୍ରଣୀ ସାଂସ୍କୃତିକ ପ୍ରତିଷ୍ଠାନ 'ନଟରାଜ' ପକ୍ଷରୁ ଭଦ୍ରକ ଟାଉନ୍ ହଲ୍ ପରିସରରେ ୪ ଦିନ ଧରି ଆୟୋଜିତ ନାଟ୍ୟ ମହୋତ୍ସବ-୨୦୨୬ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମଞ୍ଚସ୍ଥ ହୋଇଯାଇଛି ମର୍ମସ୍ପର୍ଶୀ ନାଟକ 'କୁହୁଡ଼ି'। ଭୁବନେଶ୍ୱରର ପ୍ରମୁଖ ନାଟ୍ୟାନୁଷ୍ଠାନ ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଏହି ନାଟକ ପରିବେଷିତ ହୋଇଥିଲା। ଶୁଭକାନ୍ତ ପାଢ଼ୀଙ୍କ ପରିକଳ୍ପନା, ଗୋପୀନାଥ ବାରିକଙ୍କ ରଚନା ଓ ଅବକାଶ ମିଶ୍ରଙ୍କ ନିର୍ଦ୍ଦେଶନାରେ ସମୃଦ୍ଧ ଏହି ନାଟକର ସଂଳାପ ରଚନା କରିଥିଲେ ରବୀନ୍ଦ୍ର ସାହୁ। ସଙ୍ଗୀତ ନିର୍ଦ୍ଦେଶନାରେ ମାନସ ପରିଡ଼ା ଥିବାବେଳେ କଣ୍ଠଦାନ କରିଥିଲେ ଜୟଦେବ ମିଶ୍ର। ବୃଦ୍ଧାବସ୍ଥାର ସଙ୍କଟ ଏବଂ ଜରାନିବାସର କରୁଣ ଚିତ୍ରକୁ ନେଇ ଗତିଶୀଳ ଏହି ନାଟକ ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା। ପୁଅ-ବୋହୂଙ୍କ ଅବହେଳାର ଶିକାର ହୋଇଥିବା ଜଣେ ପିତାଙ୍କ ସଂଘର୍ଷକୁ କଳାକାରମାନେ ଅତି ନିଖୁଣ ଭାବେ ଅଭିନୟ କରିଥିଲେ। ସମାଜରେ ପିତାମାତାଙ୍କ ପ୍ରତି ଥିବା ଦାୟିତ୍ୱବୋଧକୁ ଏହି ନାଟକ ଏକ ଶକ୍ତିଶାଳୀ ବାର୍ତ୍ତା ଦେଇଛି। ନାଟକରେ ଗୋବିନ୍ଦ ମହାପାତ୍ର, ରାଜେଶ ବଳବନ୍ତରାୟ, ପ୍ରଦୀପ୍ତ ସ୍ୱାଇଁ, ମାନସ ପରିଡ଼ା, ରାଜେଶ ମଲିଆ, ଶୁଭକାନ୍ତ ପାଢ଼ୀ, ସରିତା ପ୍ରଧାନ, ସୌମ୍ୟା ସୁମନ ମହାନ୍ତି ଓ ନାଇନ୍‌ସି ନଇନିକା ମିଶ୍ର ନିଖୁଣ ଅଭିନୟ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ବରେଣ୍ୟ ଅତିଥି ଭାବେ ସାହିତ୍ୟିକ ତଥା ନାଟ୍ୟକାର ମିହିର ମେହେର୍, ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ଯୋଗଦେଇଥିଲେ। ସଭାରେ ଅଧ୍ୟକ୍ଷତା କରିଥିଲେ ଡ. ସୁଧାଂଶୁ ନାୟକ। ଏହି ଅବସରରେ ସାହିତ୍ୟିକ ତଥା ଓଡ଼ିଶା ନାଟ୍ୟ ସଂଘର ସଭାପତି ମିହିର ମେହେର୍, ଗୀତିକାର ଶଶିକଳା ମିଶ୍ର ଓ ଜୟନ୍ତୀ କରଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟ୍ୟକାର ରାୟ ରାମାନନ୍ଦ ମହାପାତ୍ରଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା।

## ରାଣୀଗଡ଼ିଆ ସ୍କୁଲର ଶତବାର୍ଷିକୀ ଉତ୍ସବ

ବାରିକପୁର,୮।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ରାଣୀଗଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶିକ୍ଷାବିତ୍ ଗଦାଧର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ବରେଣ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ସରପଞ୍ଚ ରଞ୍ଜନ କୁମାର ପରିଡ଼ା, ବିଦ୍ୟାଳୟ ପ୍ରାକ୍ତନ ଛାତ୍ର ନକୁଳ ଚରଣ ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ମାଆମାନେ ଚାହିଁଲେ ଛାତ୍ରଛାତ୍ରୀମାନେ ସଫଳତାର ଶୀର୍ଷରେ ପହଞ୍ଚିବେ ବୋଲି କହିଥିଲେ। ଏହାଛଡ଼ା ୧୦୦ ବର୍ଷ ପୂର୍ତ୍ତି ପାଳନ କରୁଥିବା ଉକ୍ତ ବିଦ୍ୟାଳୟ ଅଞ୍ଚଳର ମଣିଷ ତିଆରି କାରଖାନା ବୋଲି ଅତିଥିମାନେ କହିଥିଲେ। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଭୂମିଦାନ କରିଥିବା ଗ୍ରାମବାସୀ କୈଳାସ ଚନ୍ଦ୍ର ସାମଲଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବିଦ୍ୟାର୍ଥୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ଅର୍ଜୁନ ଚରଣ ବେହେରା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ଚୈତନ୍ୟ ବେହେରା ଅତିଥି ପରିଚୟ ପ୍ରଦାନ ଓ ପ୍ରଶାନ୍ତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ଶତବାର୍ଷିକୀ



ଉତ୍ସବକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ସାହୁ, ଆଶିଷ ସାମଲ, ଅମିତାଭ ସ୍ୱାଇଁ, ରଘୁନାଥ ସାମଲ, ବଳରାମ ସାମଲ, ଶଙ୍କର୍ଷଣ ସାମଲ, ଗୋବର୍ଦ୍ଧନ ସାମଲ, ବଳରାମ ବେହେରା, ଅଶୋକ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଗ୍ରାମବାସୀଙ୍କ ସମେତ ଅନେକ ବୃଦ୍ଧିଜୀବୀ ଓ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

ସକାଳ THE SAKALA



www.sakalaepaper.com

# ବେପରୁଆ ଭାବେ ଚାଲିଛି ଅଚ୍ୟୁତପୁର ବିଜୁ ସେତୁ

ଖଇରା, ୮ ।୨ (ସମିସ)



ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅଚ୍ୟୁତପୁର-ରଟିଣା ରାସ୍ତାର ଅଚ୍ୟୁତପୁର ଗ୍ରାମ ନିକଟସ୍ଥ ତଳନଈରେ ଚାଲିଥିବା ବିଜୁ ସେତୁ ନିର୍ମାଣରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଡାଇଭର୍ସନ ନଥିବାରୁ ଗ୍ରାମବାସୀ ତଥା ଛାତ୍ରଛାତ୍ରୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। କାର୍ଯ୍ୟ କଚ୍ଛପ ଗତିରେ ଚାଲୁଥିବାରୁ ବର୍ଷାଦିନ ପୂର୍ବରୁ ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଉକ୍ତ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ମୁଣିଦା, ନଛିପୁର, ଓହଡ ଓ ଅଚ୍ୟୁତପୁର ଇତ୍ୟାଦି ଗ୍ରାମର ଅଧିବାସୀ ଦାବି କରିଛନ୍ତି। ଉକ୍ତ ପୋଲ ନିର୍ମାଣ ପାଇଁ ୨କୋଟି ୨୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୫ ମସିହା ଫେବୃଆରୀ ମାସରେ ଆରମ୍ଭ ହୋଇଥିଲା। ୧ବର୍ଷ ଅତିକ୍ରମ କରିସାରିଥିବା ବେଳେ ମାତ୍ର ୪୦ଭାଗ

## ବର୍ଷେ ପରେ ବି ସରିନି ୪୦ଭାଗ କାର୍ଯ୍ୟ

କାର୍ଯ୍ୟ ଶେଷ ହୋଇଛି। ପୋଲପାଇଁ ଗାତ ଖୋଳି ଛାଡିଦିଆଯାଇଥିବାରୁ ଏବେ ଏହା ମଣିଷ ଜୀବଜନ୍ତୁଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି। ସାଧାରଣତଃ କୌଣସୀ ବଡ ପୋଲ ନିର୍ମାଣ ବେଳେ ଗାଡିମଟର ଯାତାୟାତ ପାଇଁ ଡାଇଭର୍ସନର ବ୍ୟବସ୍ଥା କରାଯାଇଥାଏ। ହେଲେ ସେଭଳି କିଛି ବ୍ୟବସ୍ଥା ହୋଇନଥିବାରୁ ମୁଣିଦା ଓ ନଛିପୁରରୁ ବିଭିନ୍ନ ହାଇସ୍କୁଲ ଓ କଲେଜରେ ପଢୁଥିବା ଛାତ୍ରୀଛାତ୍ର ମାନେ ବିପଦ ସଙ୍କୁଳ ଅବସ୍ଥାରେ ଗାଡ଼ ଖୋଳାଯିବା ଯାଗାର କଡେ କଡେ ଯିବାକୁ ବାଧ ହେଉଛନ୍ତି। ସେହିଭଳି ଠିକାଦାର ଗୋଟିଏ ପାର୍ଶ୍ୱର ଆପ୍ରୋଚ ରୋଡ ଶେଷ କରିସାରିଥିବା ବେଳେ ସୂଚନା ଫଳକ ନଲଗାଇ ସାଧାରଣ ଲୋକଙ୍କୁ ଅନ୍ଧାରରେ ରଖିଛନ୍ତି। ଯେଉଁଥିପାଇଁ ଗ୍ରାମବାସୀ କଞ୍ଚାମାଲର ଭାଗମାପ ସମ୍ପର୍କରେ ଅଜ୍ଞ। ସେହିଭଳି ପୋଲପାଇଁ ଖୋଳା ଯାଇଥିବା ଗାଡ଼ ମଧ୍ୟ ଅଣଓସାରିଆ ଏବଂ ବର୍ଷାଋତୁରେ ଜଳନିଷ୍କାସନରେ ବାଧା ସୃଷ୍ଟି କରିବ ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତଙ୍କ ପ୍ରତିକ୍ରିୟା ନେବାରେ ଡାଇଭର୍ସନ ନିର୍ମାଣ ଓ ସୂଚନା ଫଳକ ଲଗାଇବାକୁ ଠିକାଦାରଙ୍କୁ କୁହାଯାଇଥିବା କହିଛନ୍ତି।

# ରାଇବଣିଆ ଲୋକ ମହୋତ୍ସବର ୩ୟ ସନ୍ଧ୍ୟା

ଜଳେଶ୍ୱର, ୮।୨(ସମିସ): ରାଇବଣିଆ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମନ ମୋହିଥିଲେ ରାଇବଣିଆ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର କୁନିକୁନି କଳାକାରମାନେ। ପ୍ରତିଦିନ ସନ୍ଧ୍ୟା ହେଲେ ଗୁଞ୍ଜରି ଉଠେ ବନ୍ଦେ ରାଇବଣିଆ ମାଟି ମା ବନ୍ଦେର ଗୀରର ସ୍ୱର। ମହୋତ୍ସବ କମିଟିର ଉପ ସଭାପତି ସୁକୁମାର ପ୍ରଧାନ ସଭାର ସଭାପତିତ୍ୱ କରିଥିବା ବେଳେ ଗିରିଜା ଶଙ୍କର ସାସମଲ ମଞ୍ଚ ଆହ୍ୱାନ ଓ ଅତିଥିଙ୍କ ପରିଚୟ କରିଥିଲେ। ମୁଖ୍ୟଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ମୁଖ୍ୟବକ୍ତା ପଶ୍ଚିମବଙ୍ଗ ରାଜ୍ୟର ଝାଡ଼ଗ୍ରାମ ଜିଲ୍ଲାର ଜିଲ୍ଲା ପ୍ରାଥମିକ ଶିକ୍ଷା କମିଟିର ଅଧ୍ୟକ୍ଷ ଉଜ୍ଜଳ ଦତ୍ତ ଓ ସମ୍ମାନୀତ ଅତିଥି ଭାବେ ଜଳେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଉପସ୍ଥିତ ରହି ଲୋକ ମହୋତ୍ସବ ଅଞ୍ଚଳରେ ରୋଜଗାର ସୃଷ୍ଟି କରିବା ସହ ସମାଜରେ ବାସ କରୁଥିବା ସମସ୍ତ ଜାତି, ଧର୍ମ ଓ ବର୍ଣ୍ଣର ଲୋକଙ୍କୁ ଏକସୂତ୍ର ଧାରରେ ବାନ୍ଧି ରଖିବାର ମାଧ୍ୟମ ପାଲଟିଥାଏ। ମହୋତ୍ସବ କମିଟି ତରଫରୁ ଅତିଥିଙ୍କୁ ଫୁଲଗୁଚ୍ଛ, ଉତ୍ତରୀୟ ଓ ମୋମେଣ୍ଟମ ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା।

# ଜାମଶୂଳୀ କଲେଜ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିନ

କାଳିପଦା, ୮।୨ (ସମିସ): ସୁବର୍ଣ୍ଣ ଜୟନ୍ତୀ ସଦା ରଖେ ସୁବର୍ଣ୍ଣ ସ୍ୱାକ୍ଷର ଆଉ ଇତିହାସ ହୋଇ ରହେ କାଳ କାଳକୁ। ମାଟିର ମହକ ହୋଇ ତାର ସୁବାସରେ ଚତୁର୍ଦ୍ଦିଗକୁ ମହକାଇ ଦିଏ ବୋଲି ବସ୍ତା ବ୍ଲକ ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିନରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତ ବ୍ୟକ୍ତ କରିଛନ୍ତି। ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ରେବତୀ ମିଡ଼ିଆ ଫୋରମର ମୁଖ୍ୟ ତଥା ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟଅତିଥି, ପ୍ରାକ୍ତନ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ଡ. କୁମର ବର ଦାସ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ। ଅଧ୍ୟାପିକା ସ୍ୱାଗତିକା ଜେନା ମଞ୍ଚ ଆବାହନ, ପୁରାତନ ଛାତ୍ର ସଞ୍ଜୟ କୁମାର ଗିରି ବେଦ ପାଠ, ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ପ୍ରାକ ସୂଚନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜୟନ୍ତୀ କମିଟି ପକ୍ଷରୁ ବିଷ୍ଣୁପ୍ରିୟା ସାହୁ, କୈଳାସ ଚନ୍ଦ୍ର ପ୍ରଧାନ, ଚୈତନ୍ୟ ମହାନ୍ତି, ଚନ୍ତାମଣି ଦଳାଇ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଅଧ୍ୟାପିକା ମିତାରାଣୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଆଲୁମିନି କମିଟିର ମହେଶ୍ୱର ଜେନା, ଭଜହରି ପରିଡା, ଲକ୍ଷ୍ମୀ ଧର ଦାସ, ଶୁଭ୍ରାଂଶୁ ନାୟକ, ସୀତାଂଶୁ ଶେଖର ସାହୁ, ରାଧାକୃଷ୍ଣ ବେହେରା, ଗୌରାଙ୍ଗ ବିଶ୍ୱାଳ, ଋତୁ ରାଜ ମହାନ୍ତି, ଜଗନ୍ନାଥ ବିଶ୍ୱାଳ, ଶିବାନନ୍ଦ ମହାନ୍ତି, ନାରାୟଣ ପ୍ରଧାନ, ଚିନ୍ତା ମଣି ଜେନା, ପ୍ରାଧ୍ୟାପକ ଦେବବ୍ରତ ଦାସ, ଡ. ସୁକାନ୍ତ ଗିରି, ଆଶୁତୋଷ ଯତି, ସବିର ହୋସେନ, ମୁଖ୍ୟ କିରାଣୀ ଗୋପୀନାଥ ପଣ୍ଡା, ଦେବେନ୍ଦ୍ର ଘୋଷ, ପର୍ଶୁରାମ ଗିରି, ସବନମ ଖାତୁନ, ପ୍ରଶାନ୍ତ ଗିରି, ସଞ୍ଜୟ ଦେ, ତାପସ ତନୟ ନନ୍ଦୀ, ପରମା ନନ୍ଦ ମହାନ୍ତି, ଲିମନ ଲିପ୍ସା ପାତ୍ର, ଲିପିକା ମାନ୍ନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡି ପରିବେଷିତ ହୋଇ ଥିଲା।

# ଜଳେଶ୍ୱରରେ ବିଶାଳ ହିନ୍ଦୁ ସମ୍ମିଳନୀ

ଜଳେଶ୍ୱର,୮।୨(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷରେ ସାରା ଦେଶରେ ହେଉଥିବା ସପ୍ତସୂତ୍ରୀ କାର୍ଯ୍ୟକ୍ରମ ମଧ୍ୟରୁ ଚତୁର୍ଥ କାର୍ଯ୍ୟକ୍ରମ ସ୍ୱରୂପ ହିନ୍ଦୁ ସମ୍ମିଳନୀ ଆୟୋଜିତ ହେଉଛି। ଏ ପରିପ୍ରେକ୍ଷୀରେ ଜଳେଶ୍ୱର ନୂଆବଜାର ଇନ୍ଦୋର ଷ୍ଟାଡିୟମ ପାଖ ପଡ଼ିଆରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସକାଳେ ବିଭିନ୍ନ ୱାର୍ଡର ମହିଳା ଗଙ୍ଗା ଆବାହନ କରି କଳସ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଉକ୍ତ ପଡ଼ିଆରେ ପହଞ୍ଚିଥିଲେ। ଏଥିରେ ନାମ ସଂକୀର୍ତ୍ତନ, ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ, ସାମୂହିକ ହନୁମାନ ଚାଳିଶା, ଧର୍ମସଭା ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷ ଜିତାରାମ ଦେଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଯୋରନ୍ଦାସ୍ଥ ସନ୍ଥ ବାବା ଅକ୍ଷୟ ଦାସ, ମୁଖ୍ୟବକ୍ତା ଭାବେ ଜିଲ୍ଲା ରାଷ୍ଟ୍ରସେବିକା ସମିତି କର୍ଯ୍ୟବାହିକା ଶ୍ରୀମତୀ ମିନତୀରାଣୀ ନାୟକ ଯୋଗଦେଇ ସମଗ୍ର ହିନ୍ଦୁ ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିବା ସହିତ ହିନ୍ଦୁ ପରିବାର ମଧ୍ୟରେ ସଂସ୍କୃତି ବାତାବରଣ ସୃଷ୍ଟି କରିବା ପାଇଁ ହିନ୍ଦୁ ସମାଜକୁ ମାର୍ଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନଗର ସଂଘ ଚାଳକ ରାଧାଶ୍ୟାମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶିବପ୍ରସାଦ ଭୂୟାଁ ମଞ୍ଚ ପରିଚାଳନା କରିଥିବାବେଳେ ବିଶ୍ୱହିନ୍ଦୁ ପରିଷଦ ସଭାପତି କପିଳେଶ୍ୱର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଜଳେଶ୍ୱର ମହିଳା ଡିଗ୍ରୀ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଜଳେଶ୍ୱର,୮।୨(ସମିସ): ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ସଂଯୋଜିକା ଅଧ୍ୟାପିକା ରାଜଶ୍ରୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଶିବିର ଆୟୋଜିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଛାତ୍ରୀ ଆମ୍ରପଲ୍ଲୀ ପ୍ରଧାନ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଉଛନ୍ତି। ଉକ୍ତ ଶିବିରରେ ୧୯୬ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ସକାଳ ୭ଟା ୩୦ରୁ ଆରମ୍ଭ ହୋଇ ୯ ଟା ୩୦ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ। ଉଦଘାଟନୀ



ଉତ୍ସବରେ ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ ଯୋଗ ଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା କରିବାର ଆବଶ୍ୟକତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଅତିଥି ଭାବେ ଶିକ୍ଷା ବିଭାଗ ଅଧ୍ୟାପିକା ଶ୍ରୀମତୀ ସସ୍ମିତା ପାତ୍ର, ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ଶ୍ରୀମତୀ ଲିପ୍ସା ଦାସ ଓ ଇତିହାସ ବିଭାଗ ଅଧ୍ୟାପିକା ଶ୍ରୀମତୀ ଦୀପ୍ତି ସାଥୁଆ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

# ୧୨ ଧର୍ମଘଟ ପାଇଁ ପ୍ରସ୍ତୁତି ବୈଠକ

ଭୋଗରାଇ,୮।୨(ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତର ଥାନା ଛକସ୍ଥ ଟ୍ରେଡ ୟୁନିଅନ କାର୍ଯ୍ୟାଳୟରେ ଆସନ୍ତା ୧୨ ତାରିଖରେ ସର୍ବଭାରତୀୟ ୧୨ ଘଣ୍ଟିଆ ସାଧାରଣ ଧର୍ମଘଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଶ୍ରମିକ, କୃଷକ, କର୍ମଚାରୀ ମାରଣା ନୀତି ବିରୁଦ୍ଧରେ ଯେଉଁ ଧର୍ମଘଟ ସାରା ଭାରତବର୍ଷରେ ସମସ୍ତ ଟ୍ରେଡ଼ ୟୁନିଅନ ଦ୍ୱାରା ଆହ୍ୱାନ ଦିଆଯାଇଛି, ତାହାକୁ ସଫଳ କରିବାକୁ ଆଲୋଚନା ହୋଇଛି। ଶ୍ରମିକ ଓ କର୍ମଚାରୀ ବିରୋଧୀ ୪ଟି ଶ୍ରମକୋଡ୍ ରଦ୍ଦ, ପ୍ରସ୍ତାବିତ ବିଦ୍ୟୁତ ସଂଶୋଧନ ବିଲ୍ ପ୍ରତ୍ୟାହାର, ଭି. ବି. ଜି. ରାମ. ଜି ଆଇନ ରଦ୍ଦ, ବର୍ଷକୁ ୨୦୦ ଦିନର କାମ ଓ ଦୈନିକ ୬୦୦ ଟଙ୍କା ମଜୁରି ପ୍ରଦାନ ଆଦି ଦାବିରେ ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟରେ ସମସ୍ତ ବର୍ଗର ଜନସାଧାରଣ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ସିଟୁର ଭୋଗରାଇ ବ୍ଲକ ସଭାପତି ଅଧୀର ଗିରିଗୋସ୍ୱାମୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କ୍ଷେତ ମଜଦୂର ସଂଘର ଜିଲ୍ଲା ସମ୍ପାଦକ ଦୀପ୍ତିମାନ ଆଚାର୍ଯ୍ୟ, କୃଷକ ସଂଘର ବ୍ଲକ ଆବାହକ ଆଇନଜୀବୀ ବିଶ୍ୱଜିତ ଦାସ, ପାଚିକା ସଂଘର ବ୍ଲକ ସଂଯୋଜକ ଶୁକଦେବ ସାହୁ, ସସ୍ମିତା ମହାନ୍ତି, ଆଦିବାସୀ ଅଧିକାର ମଞ୍ଚର ବ୍ଲକ ସଭାପତି କୃଷ୍ଣମୋହନ ମୁର୍ମୁ, ନିର୍ମାଣ ଶ୍ରମିକର ବ୍ଲକ ସମ୍ପାଦକ ଜଗନ୍ନାଥ ମାଇତି, ମିଟର ରିଡର ସଂଘର ବ୍ଲକ ସଂଯୋଜକ ଜାହ୍ନବୀ ମଣ୍ଡଳ, ଏଆଇୟୁଟିୟୁସିର ବ୍ଲକ ସଂଯୋଜକ କ୍ରିଷ୍ଣାରାଣୀ ସାହୁଙ୍କ ସହିତ ବହୁ ଶ୍ରମିକ ଓ କୃଷକ ଯୋଗ ଦେଇଥିଲେ।

# କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲେଶ୍ୱର,୮।୨(ସମିସ): କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ୬୬ତମ ବାର୍ଷିକ ଉତ୍ସବ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ୧୨୬ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଡ. ଝାନ୍‌ସୀ ଜେନା ପୌରୋହିତ୍ୟ କରିବା ସହ ସ୍ୱାଗତ ଭାଷଣ ରଖିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ସମୟର ସଦୁପଯୋଗ କରିବା ଲାଗି ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ସ୍ତମ୍ଭକାର ଅଭୟ ଦ୍ୱିବେଦୀ ସଂକଳ୍ପ ନେଇ ସାଧାନା ଜାରି ରଖିବାକୁ ଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଛାତ୍ରୀ ପରିଷଦର ଉପସଭାପତି ଅଧ୍ୟାପକ ସଞ୍ଜୟ ସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ମହାଶ୍ୱେତା ପାଣ୍ଡେ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଅଧ୍ୟକ୍ଷା ଡ. ଜେନା ବାର୍ଷିକ



ବିବରଣୀ ପାଠ କରିବା ସହ ମହିବିଦ୍ୟାଳୟର ଭିତ୍ତିଭୂମି ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧ୍ୟାପକ ରାଜକିଶୋର ପଣ୍ଡିତ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନାଟ୍ୟକାର ପ୍ରଦୀପ ଭୌମିକଙ୍କ ନାଟକ 'ତୁଳସୀ ଗଛ'କୁ ଛାତ୍ରୀମାନେ ମଞ୍ଚସ୍ଥ କରିଥିଲେ। ଶ୍ୟାମପଦ ମଣ୍ଡଳ, ଅଧ୍ୟାପକ ରାଜକିଶୋର ପଣ୍ଡିତ ଓ ଅମିତ୍ ବର୍ଦ୍ଧନ ନିର୍ଦ୍ଦେଶନା ଦେଇଥିଲେ।

# ଭଡ଼ାରେ ଲାଗିଛି ପଞ୍ଚାୟତ ସହାୟତା କେନ୍ଦ୍ର

ଖଇରା,୮ ।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଟିଣା ପଞ୍ଚାୟତରେ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସହାୟତା କେନ୍ଦ୍ରକୁ ପଞ୍ଚାୟତ କର୍ତ୍ତୃପକ୍ଷ ଭଡାରେ ଲଗାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଭଡା ଅର୍ଥକୁ ପଞ୍ଚାୟତ ରେକର୍ଡକୁ ନିଆନଯାଇ ବ୍ୟକ୍ତିବିଶେଷଙ୍କ ପକେଟକୁ ଯାଉଥିବାରୁ ଏହାର ତଦନ୍ତ କରାଯିବାକୁ ରଟିଣା ଗ୍ରାମବାସୀ ଦାବୀ କରିଛନ୍ତି। ରଟିଣା ପଞ୍ଚାୟତରେ ସରକାରୀ ସୁବିଧାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ୮ଲକ୍ଷ ଟଙ୍କା ବ୍ୟୟରେ ସୁବିଧାକେନ୍ଦ୍ର ନିର୍ମାଣ କରାଯାଇଥିଲା। ମହିଳା ଗୋଷ୍ଠୀଙ୍କ ବୈଠକ, ମିନିବ୍ୟାଙ୍କ କିମ୍ବା ଜନସେବା କେନ୍ଦ୍ର ଭଳି ସଂସ୍ଥାକୁ ଦିଆଯାଇ ସାଧାରଣ ଲୋକ ଉପକୃତ ହେଲାଭଳି କାର୍ଯ୍ୟରେ ଲଗାଯିବା କଥା। ସରପଞ୍ଚଙ୍କ ସମ୍ପର୍କୀୟ ଏହି ଘରର ନିର୍ମାଣ ଦାୟିତ୍ୱ ନେଇଥିବା ବେଳେ ଏ ପର୍ଯ୍ୟନ୍ତ ଚାବି ପଞ୍ଚାୟତକୁ ହସ୍ତାନ୍ତର କରି ନାହାଁନ୍ତି। ହେଲେ ଗତ ୨ବର୍ଷ ଧରି ଏକ ଠିକା କମ୍ପାନୀଙ୍କୁ ଏହି ଘର ଭଡାରେ ଦିଆଯାଇ ସେମାନଙ୍କୁ ମାସିକ ଅର୍ଥ ଆଦାୟ କରି ନିଜସ୍ୱ ସ୍ୱାର୍ଥରେ ଲଗାଇଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ସରୋଜକାନ୍ତ ଦାସଙ୍କୁ ଯୋଗାଯୋଗ କରିବାରେ ଏ ପର୍ଯ୍ୟନ୍ତ ତାଙ୍କୁ ଘରର ଚାବି ହସ୍ତାନ୍ତର କରାଯାଇନଥିବାରୁ ଭଡା ବାବଦରେ କିଛି କହିପାରିବେ ନାହିଁ ବୋଲି କହିଛନ୍ତି।

# ସ୍ୱର୍ଣ୍ଣଚୁଡ଼ ଯୁବ ମହୋତ୍ସବ କମିଟି ପକ୍ଷରୁ ଚୂଡ଼ାନ୍ତ ବୈଠକ

ନୀଳଗିରି, ୮।୨(ସମିସ): ନୀଳଗିରି ସ୍ୱର୍ଣ୍ଣଚୁଡ ଯୁବ ମହୋତ୍ସବ କମିଟି ପକ୍ଷରୁ ନୀଳଗିରି ଡାକ ବଙ୍ଗଳା ପରିସରରେ ଚୂଡ଼ାନ୍ତ ବୈଠକ କମିଟି ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ଆବାହକରେ ଅନୁଷ୍ଠିତ ହୋଇଛି। ୪ ବର୍ଷରେ ପଦାର୍ପଣ କରିଥିବା ଏହି ସ୍ୱର୍ଣ୍ଣଚୁଡ ଯୁବ ମହୋତ୍ସବକୁ ଅଧିକ ସରସ ସୁନ୍ଦର କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଉପସ୍ଥିତ ବରିଷ୍ଠ ସଦସ୍ୟମାନେ ପ୍ରକାଶ କରିଥିଲେ। ବରିଷ୍ଠ ସଦସ୍ୟ ଚନ୍ଦ୍ରବିନ୍ଦୁ ଦାସ ଏହି ମହୋତ୍ସବରେ ଯେପରି ଲୋକ ସମାଗମ ହୋଇପାରିବ, ସେଥିପାଇଁ ବିଭିନ୍ନ ଷ୍ଟଲ୍ ଆସିବା ଜରୁରୀ ବୋଲି ମତ ଦେଇଥିଲେ। ଗଙ୍ଗାଧର ମିଶ୍ର ଚଳିତ ବର୍ଷ ଯେପରି ରୁଚିମନ୍ତ ହୋଇପାରିବ, ସେ ଦିଗରେ ଦିଗଦର୍ଶନ ଦେଇଥିଲେ। ଅତୁଲ ସ ଲୋକଙ୍କ ସମାଗମକୁ ଆଖି ଆଗରେ ରଖି ଅଧିକ ଷ୍ଟଲ୍ ହେଲେ ଲୋକମାନେ କିଣାକିଣି କରିବା ସହ ମହୋତ୍ସବକୁ ଉପଭୋଗ କରିପାରିବେ ବୋଲି ମତ ଦେଇଥିଲେ। ସେହିପରି ଆଇନଜୀବୀ ଦେବେନ୍ଦ୍ର ପଣ୍ଡା ଉପସ୍ଥିତ ରହି କେବଳ ନାଚଗୀତରେ ଲୋକଙ୍କ ସମାଗମ ହୁଏ ନାହିଁ ବୋଲି ପ୍ରକାଶ କରିବା ସହ ବିଭିନ୍ନ ପ୍ରକାର ଷ୍ଟଲ୍‌ର ଆବଶ୍ୟକତା ବୋଲି ପ୍ରକାଶ କରିଥିଲେ। ପରେ ଆସନ୍ତା ମାର୍ଚ୍ଚ ୨୮ ରୁ ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ହେବାକୁ ନିଷ୍ପତ୍ତି ନିଆଯାଇଥିଲା। କମିଟିର ସମ୍ପାଦକ ଚିନ୍ମୟ ଶରଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଉପକୂଳ ବିକାଶ ପରିଷଦ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ବାଲିଆପାଳ, ୮।୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଡଗରା ବେଳାଭୂମିଠାରେ ଉପକୂଳ ବିକାଶ ପରିଷଦ ପକ୍ଷରୁ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବା ଓ ଡଗରା ବେଳାଭୂମି ଏକ ସ୍ୱଚ୍ଛ ସୁନ୍ଦର ବେଳାଭୂମିରେ ପରିଣତ ହୋଇପାରିବ ଲକ୍ଷ୍ୟ ନେଇ ଏହି ସଫେଇ କାର୍ଯ୍ୟରେ ପରିଷଦର ୨୦୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇ ଥିଲେ। ପରେ ବେଳାଭୂମି ଠାରେ ଥିବା ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ପରିଷଦର ସଭାପତି ମନୋରଞ୍ଜନ ବେହେରା ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବେଳାଭୂମି ପର୍ଯ୍ୟଟନର ମାନ୍ୟତା ପାଇଥିଲେ ମଧ୍ୟ ସରକାରଙ୍କର ବୈମାତୃକ ମନୋଭାବ ଯୋଗୁଁ ବଡ଼ ଗୁମୁଟି ଛକ ଠାରୁ ବେଳାଭୂମି ପର୍ଯ୍ୟନ୍ତ ଦୁଇ କିଲୋମିଟର ରାସ୍ତା, ପାନୀୟ ଜଳ, ଶୌଚାଳୟ, ପାନ୍ଥନିବାସ, ଆଲୋକି କରଣ, ମେରାଇନ ଥାନା ପ୍ରଭୃତି ପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି। ଯାହା ଫଳରେ ଧୀରେ ଧୀରେ ଓଡ଼ିଶା ତଥା ଅନ୍ୟ ରାଜ୍ୟରୁ ଛୁଟି ଆସୁଥିବା ପର୍ଯ୍ୟଟକମାନେ ମୁହଁ ବେଳାଭୂମିରୁ ମୁହଁ ଫେରାଉଛନ୍ତି ବୋଲି ପରିଷଦର ଉପସଭାପତି ସାର୍ଥକ ରଣଜିତ, ସମ୍ପାଦକ ନିତ୍ୟାନନ୍ଦ ଜେନା, ସହ ସମ୍ପାଦକ ସନ୍ତୋଷ ଗିରି, ସଦସ୍ୟ ସୁଶାନ୍ତ ପାତ୍ର, ହରିହର ଜେନା ପ୍ରମୁଖ କହିଛନ୍ତି। ଆଗାମୀ ଦିନରେ ସରକାର ବେଳାଭୂମିର ବିକାଶ ପାଇଁ ବିହିତ ପଦକ୍ଷେପ ଗ୍ରହଣ ନକରନ୍ତି ପରିଷଦ ପକ୍ଷରୁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କୋଷାଧ୍ୟକ୍ଷ ଅଶ୍ୱିନୀ କୁମାର ପାତ୍ର ଚେତାବନୀ ଦେଇଛନ୍ତି। ଏହା ବ୍ୟତିତ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସହିତ ଫେବୃଆରୀ ୨୨ ତାରିଖ ଦିନ ପ୍ରତାପ ପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପରିଷଦ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ପୂର୍ବତନ ସମ୍ପାଦକ ଭାଗବତ ନାୟକଙ୍କ ଦେହାନ୍ତ

ନୀଳଗିରି, ୮।୨(ସମିସ): ନୀଳଗିରି ବ୍ଲକ ମହିଷାପଟ୍ଟା ଗ୍ରାମ ପଞ୍ଚାୟତର ପୂର୍ବତନ ସମ୍ପାଦକ ଭାଗବତ ଚରଣ ନାୟକଙ୍କ ଭୁବନେଶ୍ୱର ସ୍ଥିତ କିମ୍ସ ହସ୍ପିଟାଲ ରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୭ ତାରିଖ ରାତ୍ରିରେ ଦେହାନ୍ତ ହୋଇଯାଇଛି। ସେ କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିବା ବେଳେ ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ସେ ଜଣେ ମେଳାପି, ମିଷ୍ଟଭାଷି , ସତ୍ୟବାଦୀ ସ୍?ଭାବର ମଣିଷ ଟିଏ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳ ବାସୀଙ୍କ ସମେତ ସମ୍ପାଦକ ମହଲରେ ଶୋକକୋଳ ପରିବେଶ ସୃଷ୍ଟି ହୋଇଛି। ମୃତ୍ୟୁ ଶଯ୍ୟା ପାଖରେ ତିନି ପୁତ୍ର, ଦୁଇ ଝିଅ, ପୁତ୍ରବଧୂ, ଆତୀୟ ସ୍ୱଜନବର୍ଗ ଉପସ୍ଥିତ ଥିଲେ। ଜ୍ୟୋଷ୍ଠ ପୁତ୍ର ଡା. ପ୍ରମୋଦ କୁମାର ନାୟକଙ୍କ ଦ୍ୱାରା ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାର ରେ ସମ୍ପନ୍ନ କରାଯାଇଥିବା ଜଣା ପଡ଼ିଛି।

# ସ୍କୁଟି ସହ ଦେଶୀମଦ ଜବତ, ଦୁଇ ଗିରଫ

ସୋର, ୮ଲ୨(ସମିସ): ସୋର ଅବକାରୀ ବିଭାଗ ପକ୍ଷରୁ ଶିଙ୍ଗାଖୁଣ୍ଟା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ସ୍କୁଟି ସହ ଦେଶମଦ ଜବତ କରାଯାଇଥିବାବେଳେ ଦୁଇଜଣଙ୍କୁ ଗିରଫ କରାଯାଇଛି। ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏକ ଟିମ ସହ ବନ୍ଧସାହି ଗ୍ରାମରେ ଚଢ଼ଉ କରି ବାଗୁନୁ ନାଇକ ନିକଟରୁ ୮୦ ଲିଟର ଦେଶୀମଦ ଜବତ କରିବା ସହିତ ତାକୁ ଗିରଫ କରିଥିଲେ। ସେହିପରି ସରଳିଆ ଗ୍ରାମ ରାସ୍ତାରେ ଏକ ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେଥିରେ ୫୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ମଦ ସହ ସ୍କୁଟିକୁ ଜବତ କରିଥିଲେ।

# ସୁବର୍ଣ୍ଣରେଖା ନଦୀକୂଳରୁ ବେପରୁଆ ବାଲି ଉତ୍ତୋଳନ

**ବିଧାୟକଙ୍କ ନଦୀକୂଳ ପରିଦର୍ଶନ**

ଜଳେଶ୍ୱର, ୮।୨ (ସମିସ): ସୁବର୍ଣ୍ଣରେଖା ନଦୀରୁ ବେପରୁଆ ବାଲି ଉତ୍ତୋଳନ ଜଳେଶ୍ୱର ସହର ପ୍ରତି ବିପଦ ସୃଷ୍ଟି କରିଛି। ଜଳେଶ୍ୱର ବ୍ଲକ ରାଜପୁର ଗ୍ରାମ ପଂଚାୟତର ସୁବର୍ଣ୍ଣରେଖା ନଦୀ କୂଳରୁ ବେପରୁଆ ବାଲି ଉତୋଳନକୁ ନେଇ ଆଜି ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଉଦ୍‌ବିଗ୍ନ ବ୍ୟକ୍ତ କରିବା ସହିତ ନଦୀକୂଳ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ସମାଜସେବୀ ଲେଲିନ କୁମାର ପ୍ରଧାନ, ସେକ ଅବଦୁଲ ରହିମ ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଗ୍ରାମ ପଂଚାୟତର ନଦୀକୂଳରୁ ବାଲି ଉତୋଳନ ଦ୍ୱାରା ନଦୀକୂଳ ଧିରେଧିରେ ନଦୀ ଗର୍ଭକୁ ଧସା ଖାଇବା ସହିତ ବଡବଡ ଫାଟ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଛି। ଏଥିନେଇ ବିଧାୟକ ବାଲେଶ୍ୱର ଜିଲ୍ଲାପାଳ, ସୁବର୍ଣ୍ଣରେଖା ଇରିଗେସନ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କ ସହିତ କଥାବାର୍ତ୍ତା କରିଥିବା ଜଣାଯାଇଛି। ନଦୀକୂଳକୁ ରକ୍ଷା କରିବା ପାଇଁ ପଥରବନ୍ଧ ଓ ସ୍ପର ତିଆରି କରିବା ଏକାନ୍ତ ଜରୁରୀ ହୋଇପଡିଛି। ନ ହେଲେ ଆସନ୍ତା ବର୍ଷା ଦିନରେ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତନ ହେବା ସହିତ ବହୁ ଗ୍ରାମ ନଦୀଗର୍ଭକୁ ଚାଲିଯିବା ନିଶ୍ଚିତ ବୋଲି ରାଜପୁର ଗ୍ରାମବାସୀ ଆଶଙ୍କା ବ୍ୟକ୍ତ କରିବା ସହିତ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି ବୋଲି କହିଛନ୍ତି। ନଦୀର ଅପର ପାଶ୍ୱର୍ରେ ଥିବା ସରକାରୀ ବାଲି ଖାଦାନର ଠିକାଦାର ରାଜପୁର ଗ୍ରାମ ପାଶ୍ୱର୍ରେ ଥିବା ଅଂଚଳରୁ ମେସିନ ଲଗାଇ ପ୍ରତିଦିନ ଶହଶହ ଟ୍ରିପ ବାଲି ଉତୋଳନ କରୁଛନ୍ତି ଫଳରେ ନଦୀର ଗଭୀରତା ବଢୁଛି। ଯାହା ନଦୀକୂଳ ପ୍ରତି ବିପଦ ଦେଖା ଦେଇଛି। ତେଣୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ବିଧାୟକଙ୍କ ନିକଟରେ ଗ୍ରାମବାସୀ ନିବେଦନ କରିଛନ୍ତି। ଏ ସଂପର୍କରେ ବିଧାୟକ ବାଲେଶ୍ୱର ଏଡିଏମ୍ ସୁଧାକର ନାୟକଙ୍କୁ ଅବଗତ କରିଥିଲେ। ପରିଦର୍ଶନ ସମୟରେ ରାଜପୁର ଗ୍ରାମର କିଶୋର ଚନ୍ଦ୍ର ଦାସ, ରଂଜନ ବେହେରା, ସୁଶିଲ ସାହୁ, ମାନସୀ ଗିରି, ସିଙ୍ଗରାୟ ହେମ୍ବ୍ରମ, ସ୍ୱର୍ଣ୍ଣଲତା ସାହୁ, ରଂଜନ କୁମାର ସେଠୀ, ସେକ ଜାହିଦ, ଆନମୋଲ ଖାନ, ସେକ ଇସ୍ରାଇଲ, ଗୌରାଙ୍ଗ ସାହୁ, ଆଜାର ଖାନ, ଉମେଶ ଚନ୍ଦ୍ର ସେଠୀ ପ୍ରମୁଖଙ୍କ ସହିତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ବେଆଇନ ବାଲି ଉତୋଳନ ବନ୍ଦ କରିବା ସହିତ ଗ୍ରାମର ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ଦସ୍ତକ୍ଷତ ସମ୍ବଳିତ ଦରଖାସ୍ତ ବିଧାୟକଙ୍କୁ ପ୍ରଦାନ କରିଥିଲେ।

## 'ସ୍ରଷ୍ଟା'ର ରାଜ୍ୟସ୍ତରୀୟ ବାର୍ଷିକ ନାଟକ ମହୋତ୍ସବ ସପ୍ତମ ସନ୍ଧ୍ୟା

# ନାଟକ 'ବାଇ ଚଢ଼େଇର ଡେଣା' ମଞ୍ଚସ୍ଥ

ବାଲେଶ୍ୱର, ୮।୨(ସମିସ)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ନାଟ୍ୟାନୁଷ୍ଠାନ 'ସ୍ରଷ୍ଟା'ର ୪୮ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ସପ୍ତମ ସନ୍ଧ୍ୟା ଆୟୋଜିତ ହୋଇଯାଇଛି। ଏହି ସନ୍ଧ୍ୟା ବିଶିଷ୍ଟ ସଂସ୍କୃତି ପ୍ରେମୀ, ସାହିତ୍ୟିକ, ବିଶିଷ୍ଟ କବି, ଲେଖକ, ସଂଗଠକ ସ୍ୱର୍ଗତ ଡ. ବ୍ରଜନାଥ ରଥଙ୍କୁ ଉତ୍ସର୍ଗ କରାଯାଇଥିଲା। ପ୍ରଯୋଜନା କରିଥିଲେ ତାଙ୍କର ଜାମାତା ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର। ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି, ଡି.ଆର୍ . ଡି .ଓ.ର ଆସୋସିଏଟ ଡାଇରେକ୍ଟର ଡ. ହିମାଂଶୁ ଶେଖର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଭେଷଜ ବିଶେଷଜ୍ଞ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର ଓ 'ସ୍ରଷ୍ଟା' ର ଉପ ସଭାପତି ପ୍ରସନ୍ନ କୁମାର ଦାସ ବର୍ତ୍ତମାନ



ସମୟରେ ନାଟକ ମାଧ୍ୟମରେ କିପରି ସମସ୍ତଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି କିପରି ଶୁଭ ବାର୍ତ୍ତା ପ୍ରଦାନ ପୂର୍ବକ ସମାଜକୁ ଦିଗଦର୍ଶନ ଦିଆଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। 'ସ୍ରଷ୍ଟା' ର ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୌରୋହିତ୍ୟ କରିଥିଲେ ଅନୁଷ୍ଠାନ ସଭାପତି ଆଲୋକ କୁମାର ସାହୁ, 'ସ୍ରଷ୍ଟା'ର ସଦସ୍ୟ ବ୍ରହ୍ମ ନାଥ ରଥ ମଞ୍ଚ ପରିଚାଳନା କରି ତାଙ୍କ ପିତା ସ୍ୱର୍ଗତ କବି ବ୍ରଜନାଥ ରଥଙ୍କ ସ୍ମୃତି ଚାରଣ କରିଥିଲେ। ସାହିତ୍ୟିକ, ନାଟ୍ୟକାର ପୀତାମ୍ବର ଦାସ ଧନ୍ୟବାଦ ଦେଇଥିଲେ। ପରେ ଭୁବନେଶ୍ୱର ର "ନବୀନ ବର୍ଣ୍ଣାଳି' ନାଟ୍ୟା ନୁଷ୍ଠନର କଳାକାରଙ୍କ ଦ୍ୱାରା ନାଟକ "ବାଇ ଚଢେଇର ଡେଣା" ନବୀନ କୁମାର ପରିଡ଼ାଙ୍କ ଲିଖିତ ଓ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିଲା। ନବୀନ ପରିଡ଼ା, ହିମାଂଶୁ ବେହେରା, ରାଜେନ୍ଦ୍ର, ପ୍ରମିଥ, ଅଭିଜିତ, ଅଙ୍କିତା, ଲକ୍ଷ୍ମୀପ୍ରିୟା, ଦେବାଂଶ ମହାନ୍ତି, ଆକୃତି, ଦିବ୍ୟାଂଶି ଦାସ, ଦିବାଂଶିଙ୍କ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। 'ସ୍ରଷ୍ଟା' ର ଦିବାକର ମହାନ୍ତି, ଗୌରୀ ଶଙ୍କର ସାହାଣୀ,ସମ ରାଇ କର, ସଂଗ୍ରାମ ମହାନ୍ତି, ରାମ ଚନ୍ଦ୍ର ମହାପାତ୍ର, ସରୋଜ ରାଉତ, ରତିକାନ୍ତ ମଲିକ, ମଦନ ମୋହନ ସାହୁ, ଅଜିତ ପଣ୍ଡା, ପୁଷ୍ପିତା ପାଢ଼ୀ, ଗିରିଜା ଶଙ୍କର କର,ପ୍ରଦୀପ ଶତପଥି, ରଶ୍ମି ରଞ୍ଜନ ଦାସ, ବିଶ୍ୱଜିତ୍ ମହାପାତ୍ର,ମନୋରଞ୍ଜନ ଦାସ, ସ୍ୱାଗତିକା ବାରିକ, ସ୍ୱାତୀ ଶ୍ମିତା ଦାସ ସୁମନା ପରିଡ଼ା, ସ୍ୱାତୀ ପଣ୍ଡା, ଋତୁରାଜ ବାରିକ, ସୌର ଜିତ୍ ସାହୁ, ଅନୁଭା ଶତପଥୀ, ସନ୍ତୋଷ କମିଲା ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

